**ଶ୍ରୀଶ୍ରୀ ଖାଡେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ ପୁନର୍ଗଠନ**

ଦେବଗଡ଼, (ଡି.ଏନ୍.ଏ)- ଶ୍ରୀଶ୍ରୀ ଖାଡେଶ୍ୱର ମହାଦେବ ମନ୍ଦିରର ଟ୍ରଷ୍ଟବୋର୍ଡ ରବିବାର ପୁନର୍ଗଠିତ ହୋଇଯାଇଛି। ଏହି ପୁନର୍ଗଠିତ ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଭାବେ ଅମରେନ୍ଦ୍ର ଗଙ୍ଗଦେବଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ବୈଠକରେ ଦେବଗଡ ତହସିଲଦାର ପଲ୍ଲବୀ ନାୟକ ଓ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର, ରାଜକିଶୋର ଦାଶ, ଅମରେନ୍ଦ୍ର ଗଙ୍ଗଦେବ, ସିଦ୍ଧାର୍ଥ ଗୁରୁ, ବିକାଶ ପ୍ରଧାନ, ମାନସ କୁମାର ପ୍ରଧାନ, ଉଗ୍ରସେନ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସିଆରସିସି ହେବା ଲାଗି ବିଜ୍ଞାନ ଶିକ୍ଷକମାନେ ଆଗ୍ରହୀ

**ପ୍ରଭାବ ପଡ଼ିବ ଶିକ୍ଷା ବ୍ୟବସ୍ଥାରେ**

କୁତ୍ରା, ୧।୩(ଡି.ଏନ.ଏ)- ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ସମଗ୍ର ସୁନ୍ଦରଗଡ ଜିଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଚାଲିଛି । ଶିକ୍ଷାର ମାନ ଅଧିକ କ୍ରିୟାଶୀଳ ହେବ ବୋଲି ପ୍ରତି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ସିଆରସିସି ପଦବୀ ଖୋଲା ଯାଇଛି । ଯେଉଁମାନେ କି ନିଜନିଜ କ୍ଲଷ୍ଟର ଦାୟୀତ୍ୱରେ ରହି ସ୍କୁଲମାନଙ୍କର ଶିକ୍ଷା ବ୍ୟବସ୍ଥାକୁ ତଦାରଖ କରିବେ। ତେବେ କୁତ୍ରା ବ୍ଲକର ଶିକ୍ଷା ବିଭାଗରେ କାର୍ଯ୍ୟ କରୁଥିବା କେତେଜଣ ସିଆରସିସି ନିଜ ଅବଧି ସରିବା ପରେ ଉକ୍ତ ସ୍ଥାନରେ ନୂଆ ସିଆରସିସି ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆବେଦନ ଆହ୍ୱାନ କରାଯାଇଛି। ବିଜ୍ଞାନ ଶିକ୍ଷକମାନେ ସିଆର୍‌ସିସି ହେବାକୁ ଆଗ୍ରହୀ ହୋଇଛନ୍ତି। ଆବେଦନ ଲାଗି ନୋଟିସ ପରେ ପ୍ରାୟ ୭ରୁ ଉର୍ଦ୍ଧ୍ୱ ବିଭିନ୍ନ କ୍ଲଷ୍ଟର ପାଇଁ ଆବେଦନ କରିସାରିଛନ୍ତି । ଆବେଦନ ଓ ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ସେମାନଙ୍କୁ ସିଆରସିସି ପଦବୀରେ ନିଯୁକ୍ତି ଦିଆଗଲେ ବିଜ୍ଞାନ ଓ ଗଣିତ ପାଠ୍ୟକ୍ରମ ବିଭିନ୍ନ ବିଦ୍ୟାଳୟରେ ପ୍ରଭାବିତ ହେବ । ତେଣୁ ବିଦ୍ୟାଳୟରେ ଅବସ୍ଥାପିତ ବିଜ୍ଞାନ ଶିକ୍ଷକଗଣ ସିଆରସିସି ପଦବୀ ଗ୍ରହଣ କରୁଛନ୍ତି କି ନାହିଁ ତାହା ଯେତେ ଚର୍ଚ୍ଚାରେ ନାହିଁ ବିଜ୍ଞାନ ଓ ଗଣିତ ପାଠପଢ଼ା ଯେ ପ୍ରଭାବିତ ହେବ ସେ ନେଇ ଅଭିଭାବକ ମହଲରେ ଚିନ୍ତା ଓ ଚର୍ଚ୍ଚା ହେଲାଣି । ଜିଲା ଶିକ୍ଷା ବିଭାଗ ଏ ଦିଗରେ ଦୃଷ୍ଟି ଦେବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ଅନେକ ଅଭିଭାବକ ।

### ନିଯୁକ୍ତି ସପକ୍ଷରେ ଜେଏସ୍‌ଡବ୍ଲ୍ୟୁ କାରଖାନା ସମ୍ମୁଖରେ ଧାରଣା ପ୍ରସ୍ତୁତି

କୁତ୍ରା, ୧।୩(ଡି.ଏନ.ଏ)–କୁତ୍ରା ବ୍ଲକ କନ୍ଦେଇମୁଣ୍ଡା ଗ୍ରାମ ପଞ୍ଚାୟତରେ ଥିବା ତେଲିଘଣା ସ୍ଥିତ ଶିବା ସିମେଣ୍ଟ (ବର୍ତ୍ତମାନ ଜେଏସଡବ୍ଲୁ ସିମେଣ୍ଟ ଦ୍ୱାରା ପରିଚାଳିତ)ରେ ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି, ରୋଜଗାର, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଆଦି ବିଷୟକୁ ନେଇ ଅଞ୍ଚଳର ବେକାର ଯୁବତୀ ଯୁବକମାନଙ୍କ ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଛି। କାରଖାନା କର୍ତ୍ତୃପକ୍ଷ ପ୍ରଶାସନିକ ସହଯୋଗରେ ନିଜ ଗୋଡାଣିଆ ବ୍ୟକ୍ତି ବିଶେଷଙ୍କୁ ହାତକରି ନିଜ ସପକ୍ଷରେ ଜନଶୁଣାଣି କାର୍ଯ୍ୟକ୍ରମ କରାଇନେବାକୁ ଚେଷ୍ଟିତ ଥିବାରୁ ଏହାକୁ ତୀବ୍ର ବିରୋଧ କରାଯିବ ବୋଲି କନ୍ଦେଇମୁଣ୍ଡା ସମେତ ଆଖପାଖ ଗ୍ରାମ ପଞ୍ଚାୟତର ଯୁବ ବର୍ଗ କହିଛନ୍ତି। ଏନେଇ ପ୍ରଶାସନର ଉପର ସ୍ତରୀୟ ଅଧିକାରୀକୁ ଅବଗତ କରାଇ ସାରିଲେଣି । କାରଖାନାରେ କାମ କରୁଥିବା ମାନବସମ୍ବଳ ବିଭାଗ ବୋଲି କିଛି ଅଛି କି ନାହିଁ ସେ ନେଇ ପ୍ରଶ୍ନ ଉଠିଲାଣି । ନିର୍ମାଣ କାର୍ଯ୍ୟ ଭଳି କେତେକ ଦାୟୀତ୍ୱ ଏଲଆଣ୍ଡଟିଙ୍କୁ ଦିଆଯାଇଛି । ନିଯୁକ୍ତି କଥାଉଠିଲେ ଏଲଆଣ୍ଡଟି ମୁଣ୍ଡରେ ଲଦି ଦେଉଛନ୍ତି ।

# ବଢୁଛି ଲୁଟେରାଙ୍କ ରାଜ୍, ଟାର୍ଗେଟରେ ସୁନା ବ୍ୟବସାୟୀ

**ସୁନ୍ଦରଗଡ଼, ୧।୩ (ଡି.ଏନ୍.ଏ)**

**ସୁନ୍ଦରଗଡ଼ ଜିଲା**



ବଡ଼ଗାଁରେ ଅଭିଯୁକ୍ତମାନେ ଛାଡ଼ିଥିବା ପିସ୍ତଲ।

ଓଡ଼ିଶାର ଝାଡ଼ଖଣ୍ଡ ସୀମାବର୍ତ୍ତୀ ସୁନ୍ଦରଗଡ ଜିଲାରେ ଏବେ ବଢୁଛି ଲୁଟେରାଙ୍କ ରାଜ। ସୁନ୍ଦରଗଡ ଓ ରାଉରକେଲା ପୋଲିସ ଜିଲାରେ ଲୁଟେରାମାନେ ବ୍ୟବସାୟୀମାନଙ୍କୁ ଟାର୍ଗେଟ କରି ଗୁଳିମାଡ କରି ଲୁଟ୍ କରୁଥିବା ଘଟଣାକୁ ନେଇ ଏବେ ଆତଙ୍କ ପ୍ରକାଶ ପାଇଛି। ଲୁଟେରାଙ୍କ ଟାର୍ଗେଟରେ ସୁନା ବ୍ୟବସାୟୀ ରହିଥିବା କେତୋଟି ଘଟଣାରୁ ଜଣାପଡ଼ିଛି। ସୋମବାର ସକାଳେ ଲୁରେରାଙ୍କ ଗୁଳିମାଡରେ ସୁନ୍ଦରଗଡ଼ ବଡଗାଁର ଜଣେ ସୁନା ଦୋକାନୀଙ୍କ ଜୀବନ ଯାଇଥିବାବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ଗତ ଡିସେମ୍ବର ୧୬ ଓ ୧୮ ତାରିଖରେ ଲୁଟେରାମାନେ ୨ଜଣ ସୁନା ବ୍ୟବସାୟୀଙ୍କ ଉପରକୁ ଲକ୍ଷ୍ୟ କରି ଗୁଳିମାଡ କରି ଫେରାର୍ ହୋଇଯାଇଥିଲେ। ପୋଲିସ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବାରେ ବର୍ତ୍ତମାନ ସୁଦ୍ଧା ସଫଳ ହୋଇପାରିନାହିଁ । ସେହିପରି ରାଉରକେଲା ସହରରେ ଛିନ୍ତାଇ ଓ ଲୁଟ ଘଟଣାମାନ ବୃଦ୍ଧିପାଉଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ପଡୋଶୀ ଝାଡଖଣ୍ଡ ରାଜ୍ୟର ଅପରାଧୀମାନେ ସକ୍ରିୟ ହୋଇ ସୁନ୍ଦରଗଡ ଜିଲାରେ ବିଭିନ୍ନ ଲୁଟ୍, ଡକାୟତି ଆଦି ଘଟଣାମାନ ଘଟାଉଥିବା କୁହାଯାଉଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ଏଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହେଉଛି। ଅପରପକ୍ଷେ ବଡଗାଁ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସୁନ୍ଦରଗଡ ପୋଲିସ ପକ୍ଷରୁ ତନାଘନା ଉଦ୍ୟମ ଆରମ୍ଭ ହୋଇଛି। ସୀମାକୁ ସିଲ୍ କରାଯାଇଛି। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ଟି ଟିମ୍ ଗଠନ କରାଯାଇଥିବା ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି। ପଡୋଶୀ ଝାଡଖଣ୍ଡ ରାଜ୍ୟର ସୀମାବର୍ତ୍ତୀ ରାସ୍ତାଗୁଡିକୁ ସିଲ୍ କରି ଯାଞ୍ଚକୁ କଡାକଡି କରାଯାଇଥିବା ସେ କହିଛନ୍ତି। ବଡ଼ଗାଁର ସୁନା ବ୍ୟବସାୟୀ ରୋହିତ ବର୍ମାଙ୍କ ମୃତ୍ୟୁ ପରେ ବ୍ୟବସାୟୀଙ୍କ ମଧ୍ୟରେ ପୋଲିସର ପାରିବା ପଣିଆ ନେଇ ସନ୍ଦେହ ପ୍ରକଟ କରାଯାଇଛି। ରୋହିତ ରାଜଗାଙ୍ଗପୁରରେ ଏକ ଜାଗା କିଣିଥିବାରୁ ସେଠାକୁ ପୂଜା ପାଇଁ ଯାଇଥାନ୍ତେ। ସେ ପ୍ରଥମେ ଦୋକାନକୁ ଆସିଥିଲେ। ଦୋକାନ ଖୋଲି ପୂଜା କରିବା ପରେ ସେଠାକୁ ଯାଇଥାନ୍ତେ। ମାତ୍ର ତାଙ୍କର ଦୋକାନ ପୂଜା କରିବା ପୂର୍ବରୁ ହିଁ ଗୁଳିମାଡ଼ରେ ମୃତ୍ୟୁ ଘଟିଲା।

# ଅସହାୟ ବୃଦ୍ଧାଙ୍କୁ ସାହାଯ୍ୟର ହାତ ବଢ଼ାଇଲେ ଥାନା ଅଧିକାରୀ



ଗୁରୁବାରୀ ମୁଣ୍ଡାଙ୍କୁ ସାହାଯ୍ୟ ପ୍ରଦାନ କରାଯାଉଛି।

**ଲହୁଣୀପଡା, ୧।୩ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ବିଲେଇପଡା ଗ୍ରାମର ଅସହାୟ ବୃଦ୍ଧା ଗୁରୁବାରୀ ମୁଣ୍ଡାଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି କେ.ବଲାଙ୍ଗ ଥାନାର ଭାରପ୍ରାପ୍ତ ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁ। ରବିବାର ସେ ଗୁରୁବାରୀଙ୍କୁ ଶାଢ଼ୀ, ଗୁରୁବାରୀଙ୍କ ନାତି ପାଇଁ ପ୍ୟାଣ୍ଟ ସାର୍ଟ, ରାଶନ ସାମଗ୍ରୀ ନେଇ ତାଙ୍କ ଘରେ ପ୍ରଦାନ କରିଥିଲେ। ଏହି ସହଯୋଗ ଯୋଗାଇଦେବା ସମୟରେ କୁଡେଇକଳା ସମିତି ସଭ୍ୟା ଜୟନ୍ତୀ ମୁଣ୍ଡା, ଆଶା କର୍ମୀ ମିନା ମାହାନ୍ତ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ। ବୃଦ୍ଧା ଗୁରୁବାରୀ ପରିଣତ ବୟସରେ ପାଞ୍ଚ ବର୍ଷର ନାତି ଗୌତମକୁ ନେଇ ଜୀବନ କାଟୁଛନ୍ତି । ବିଗତ କିଛି ବର୍ଷ ପୂର୍ବେ ଗୁରୁବାରୀଙ୍କ ସ୍ୱାମୀ, ପୁଅ, ବୋହୂଙ୍କ ମୃତ୍ୟୁ ହୋଇଯାଇଥିଲା। ବାପା ମାଆ ଛେଉଣ୍ଡ ଗୌତମ ସହିତ ବୃଦ୍ଧା ଗୁରୁବାରୀ ସମ୍ପୂର୍ଣ୍ଣ ବେସାହାରା ପାଲଟି ଯାଇଥିଲେ। ନାତି ମୁହଁରେ ମୁଠେ ଦାନା ଓ ପାଠ ପଢ଼େଇବା ଚିନ୍ତାରେ ଏ ପରିଣତ ବୟସରେ ମଧ ଗୁରୁବାରୀ ପର ଘରେ ମୂଲ ଲାଗିବା ପାଇଁ ବାଧ ହେଉଥିଲେ। ସରକାରଙ୍କ ନିୟମ ଅନୁଯାୟୀ ଗୁରୁବାରୀକୁ ମାସିକ ବିଧବା ଭତ୍ତା ଏବଂ ଚାଉଳ ୩୫ କେଜି ଯୋଗାଇ ଦିଆଯାଉଛି। କିନ୍ତୁ ଆଜିବି ଗୁରୁବାରୀ ଭାଗ୍ୟରେ ପକ୍କା ଘର ଖଣ୍ଡେ ନ ଥିବାରୁ ଭଙ୍ଗା ଦଦରା ମାଟି ଘରେ ବିପଦସଙ୍କୁଳ ଅବସ୍ଥାରେ ନାତି ସହ ରହିବା ପାଇଁ ବାଧ ହେଉଛନ୍ତି। ଗୁରୁବାରୀଙ୍କ ସମସ୍ୟା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ଦେଖି ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ ଗୁରୁବାରୀର ଗ୍ରାମ ବିଲେଇପଡାରେ ପହଞ୍ଚି ପଚାରି ବୁଝିଥିଲେ। ଏହା ସହିତ ସରକାରୀ ନିୟମ ଅନୁଯାୟୀ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ବୃଦ୍ଧା ଗୁରୁବାରୀ ଓ କୋମଳମତି ନାତି ଗୌତମକୁ କେ.ବଲାଙ୍ଗ ଥାନାର ଭାରପ୍ରାପ୍ତ ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁ ରବିବାର ସାହାର୍ଯ୍ୟର ହାତ ବଢ଼େଇବା ପାଇଁ ଆସିଥିଲେ।

# ଜିଲାପାଳଙ୍କୁ ଭେଟିଲେ ଜିଲା ଆଇନ ସାମ୍ମୁଖ୍ୟ ସଦସ୍ୟ

**ସୁନ୍ଦରଗଡ଼, ୧।୩ (ଡି.ଏନ୍.ଏ)**

**ଘରୋଇ ଶିକ୍ଷାନୁଷ୍ଠାନରେ ଫି'ଛାଡ଼ ଦାବି**

ଓଡିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଗତ ଜାନୁୟାରୀରେ ଘରୋଇ ଶିକ୍ଷାନୁଷ୍ଠାନଗୁଡିକର ଫି କୋହଳ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ନିଷ୍ପତ୍ତି ନେବାକୁ କୁହାଯାଇଥିଲା। ଏହି କ୍ରମରେ ରାଜ୍ୟ ସରକାର ସ୍କୁଲ ଫି'କୁ ୭ଟି ସ୍ଲାବରେ ଭାଗ କରି କୋହଳ କରିବାକୁ ସମସ୍ତ ଘରୋଇ ଅଣଅନୁଦାନପ୍ରାପ୍ତ ଓ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ ପରାମର୍ଶ ଦେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସୁନ୍ଦରଗଡ ଜିଲାର ଅଧିକାଂଶ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ ସ୍କୁଲ ଫି'ସ୍ଲାବକୁ ଲାଗୁ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲା ଆଇନ୍ ସାମ୍ମୁଖ୍ୟ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ସୋମବାର ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ସାକ୍ଷାତ କରି ଘରୋଇ ଶିକ୍ଷାନୁଷ୍ଠାନଗୁଡିକରେ ଫି କୁ କୋହଳ କରିବା ପାଇଁ ଦାବିକରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲା ଆଇନ୍ ସାମ୍ମୁଖ୍ୟର ଆବାହକ ଅଶୋକ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ବରିଷ୍ଠ ଆଇନ୍‌ଜୀବୀ କିଶୋର କୁମାର ନାଏକ, ପ୍ରଦୀପ ମହାପାତ୍ର, ନିହାର ନନ୍ଦୀ, ଅଶୋକ ନାଏକ, ପ୍ରଶାନ୍ତ ପଟେଲ, ସ୍ୱରାଜ ପଟେଲ, ଅନୁସୂୟା ନାଏକ, ଦୁଲାରୀ ନାଗ, ତନୁଜା ମହାନ୍ତି, ସୁନୀତା ପଟେଲ, କେଶବ ରଣା ପ୍ରମୁଖ ଜିଲାପାଳଙ୍କୁ ଭେଟି ଅଭିଭାବକମାନଙ୍କୁ କିପରି ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ଶୋଷଣ କରୁଛନ୍ତି ସେ ନେଇ ଆଲୋଚନା କରିଥିଲେ।

## ସ୍କର୍ପିଓ –ବାଇକ୍ ମୁହାଁମୁହିଁ ଧକ୍କା: ୨ମୃତ

**ଲହୁଣୀପଡା, ୧।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ୧୪୩ ନମ୍ବର ଜାତୀୟ ରାଜପଥର ଯୋଡାବନ୍ଧ ଛକଠାରେ ରବିବାର ରାତି ୧୦ଟାରେ ସ୍କର୍ପିଓ ବାଇକ ମୁହାଁମୁହିଁ ଧକ୍କାରେ ଦୁଇ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି। ଓଆର୍ ୧୪ ଏସ– ୧୪୪୩ ବାଇକ ଯୋଗେ ଯୋଡାବନ୍ଧ ଗ୍ରାମର ଜିଆକ ଆଇଣ୍ଡ (୪୫)କୁ ପଛରେ ବସାଇ ଗୋପାଳପୁରୁ ଗ୍ରାମର ମହାବୀର ଓରାମ (୩୨) ଯୋଡାବନ୍ଧ ଛକକୁ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଓଆର୍ ୦୫ ୟୁ- ୯୬୯୧ ସ୍କର୍ପିଓ ଗାଡି ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ବାଇକ ନଷ୍ଟ ହେବା ସହିତ ଦୁଇ ଆରୋହୀ ଗୁରୁତର ହୋଇଥିଲେ। ଚାନ୍ଦିପୋଷ ଓ ଲାଠିକଟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଥିଲେ ମଧ ଜିଆକ ଆଇଣ୍ଡକୁ ଡାକ୍ତର ମୃତ ଘୋଷଣା କରିଥିଲେ । ମହାବୀର ଓରାମଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲେ ମଧ ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ବାସିନ୍ଦା କ୍ଷତିପୂରଣ ଦାବିରେ ରବିବାର ରାତି ୧୪୩ ନମ୍ବର ଜାତୀୟ ରାଜପଥକୁ ଯୋଡାବନ୍ଧ ଠାରେ ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡି ଅଟକି ରହିବା ସହିତ ରାଉରକେଲାଠାରୁ କଟକ, ଭୁବନେଶ୍ୱର, ପୁରୀ ଯାଉଥିବା ଯାତ୍ରୀବାହୀ ଅଟକି ରହିଥିଲା । ଆନ୍ଦୋଳନକାରୀମାନଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିବା ଓ ପ୍ରତିଶ୍ରୁତି ପାଇବା ପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା। ଚାନ୍ଦିପୋଷ ପୋଲିସ ଗାଡି ଦୁଇଟିକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ମୃତଦେହ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରାଯାଇଛି।

# ବଜରଙ୍ଗ କ୍ରିକେଟ କପ୍: ରୟାଲ ରାଜଗାଙ୍ଗପୁର ବିଜୟୀ

**ଦେବଗଡ, ୧।୩(ଡି.ଏନ୍.ଏ.)**

ଦେବଗଡ଼ ପୌରାଞ୍ଚଳର ମହୁଲଡିପା ସାହିସ୍ଥିତ ନାଳ ପଡିଆଠାରେ ଚାଲିଥିବା ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବଜରଙ୍ଗ କ୍ରିକେଟ କପର ସୋମବାର ତୃତୀୟ ଦିବସ ମ୍ୟାଚ ଟିଙ୍କୁ ୱାରିୟର୍ସ କ୍ରିକେଟ କ୍ଲବ କଣ୍ଡଳ ଏବଂ ରୟାଲ ରାଜଗାଙ୍ଗପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରୟାଲ ରାଜଗାଙ୍ଗପୁର କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ଫିଲ୍ଡିଂର ନିଷ୍ପତ୍ତି ନେଇଥିଲେ । ଟିଙ୍କୁ ୱାରିୟର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୮୩ ରନ୍ କରିଥିଲା । ଏହାର ଜବାବରେ ରୟାଲ ରାଜଗାଙ୍ଗପୁର କ୍ରିକେଟ କ୍ଲବ ୧୯.୩ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୮୯ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଅମ୍ପାୟାର ପ୍ରିତମ କୁମାର ସାହୁ ଏବଂ ରାଜେନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ଚେତନ ସିହ୍ନା ଓ ବେଣୁଧର ଗଡ଼ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଖେଳାଳି ତଥା ବରିଷ୍ଠ ଆଇନ୍‌ଜିବୀ ପ୍ରଭାଷ ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ମ୍ୟାନ ଅଫ୍ ଦି ମ୍ୟାଚ୍ ରୟାଲ ରାଜଗାଙ୍ଗପୁର ଦଳର ବିଶ୍ୱାଳ ମହନ୍ତଙ୍କୁ ପ୍ରଦାନ କରିଥିଲେ। କ୍ଲବର ସଭାପତି କାର୍ତ୍ତିକ ମହାକୁଲ, ସମ୍ପାଦକ ରାଜୀବ ଗଡ଼ନାୟକ, ଉପସଭାପତି ପଞ୍ଚାନନ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ପ୍ରିତମ କୁମାର ବେହେରା, ପ୍ରଶାନ୍ତ କୁମାର ଦେବ, ସିପୁନ ଭଞ୍ଜ, ସନା, ତନୁ ଘୋଷ, ସଞ୍ଜୟ ବାରିକ, ଅଜିତ ଦଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ। ମଙ୍ଗଳବାର ପୁଲ 'ଏ' ର ପ୍ରଥମ ସେମିଫାଇନାଲରେ ରୟାଲ ରାଜଗାଙ୍ଗପୁର କ୍ରିକେଟ କ୍ଲବ ଏବଂ ଷ୍ଟାର କ୍ରିକେଟ କ୍ଲବ ତାଳଚେର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି।




ବଜରଙ୍ଗ କ୍ରିକେଟ କପର ଖେଳାଳିଙ୍କ ସହ ଅତିଥି।

# ରିଆମାଳରେ ଚାଷୀ ଆନ୍ଦୋଳନ ଜାରି



ଚାଷୀମାନେ ତମ୍ବୁମାରି ଆନ୍ଦୋଳନ ଜାରି ରଖିଛନ୍ତି।

**ରିଆମାଳ, ୧।୩ (ଡି.ଏନ୍.ଏ)**

ଦେବଗଡ଼ ଜିଲା ରିଆମାଳ ବ୍ଲକର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନ ମିଲର୍ସ ନ ଉଠାଇବାରୁ ଧାନ ପଡିରହିଛି। ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସେବା ସମବାୟ ସମିତିରେ ପଞ୍ଜିକୃତ ଚାଷୀଙ୍କ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ନ ଥିବାରୁ ବିଭିନ୍ନ ସେବା ସମବାୟ ସମିତିଗୁଡିକର ଚାଷୀଙ୍କ ଧାନ ପଡିରହିଛି। ତେଣୁ ଅନେକ ଚାଷୀଙ୍କ ଟୋକନର ଅବଧି ମଧ ଶେଷ ହୋଇଯାଇଛି। ଏହାକୁ ନେଇ ଚାଷୀମାନେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ସହିତ କୌଣସି ସମାଧାନର ସୂତ୍ର ବାହାରି ନ ଥିଲା। ତେଣୁ ବିଭିନ୍ନ ସ୍ଥାନରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ସେଥିପାଇଁ ରିଆମାଳ ବ୍ଲକ ଅନ୍ତର୍ଗତ ନାଉଲିପଡା ସେବା ସମବାୟ ସମିତିରେ ପଞ୍ଜିକୃତ ଶତାଧିକ ଚାଷୀ ସେମାନଙ୍କ ଧାନ ବିକ୍ରି ନ ହେବାରୁ ରବିବାର ସକାଳୁ ଦେବଗଡ଼–ଅନୁଗୋଳ ୫୩ ନଂ. ଜାତୀୟ ରାଜପଥକୁ ଛତାବରଠାରେ ଧାନବସ୍ତା ରଖି ଅବରୋଧ କରି ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରଖିଥିବାବେଳେ ସୋମବାର ୨ୟଦିନରେ ପହଁଞ୍ଚିଛି । ରିଆମାଳ ବ୍ଲକ କୃଷକ ସଙ୍ଗଠନର ସଭାପତି ହୃଷିକେଶ ପ୍ରଧାନ ଓ ଚାଷୀ ନେତା ରଘୁନାଥ ପ୍ରଧାନଙ୍କ ନେତୃତ୍ୱରେ ବହୁ ଚାଷୀ ଜାତୀୟ ରାଜପଥରେ ତମ୍ବୁମାରି ବସିଛନ୍ତି। ଏହି ସମବାୟ ସମିତିରେ ବର୍ତ୍ତମାନ ସୁଦ୍ଧା ୧୭୫୦୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ବାକି ରହିଥିବା ବେଳେ ଜାନୁୟାରୀ ମାସରେ ୩୪ ଚାଷୀଙ୍କ ଟୋକନ ଅବଧି ସମାପ୍ତ ହୋଇଯାଇଛି। ଆଗକୁ ଆହରି ୭୬ ଜଣ ଚାଷୀ ମଧ ଧାନ ବିକ୍ରିରୁ ବଞ୍ଚିତ ହେବେ ବୋଲି ଚାଷୀ ନେତା ସଭାପତି ଶ୍ରୀ ପ୍ରଧାନ କହିଛନ୍ତି। ଜିଲା ପ୍ରଶାସନ କୌଣସି ସମାଧାନ ନ କରିବାରୁ ଧାରଣା ଜାରି ରହିଛି।

# ବ୍ଲକ ଅଧ୍ୟକ୍ଷ କାର୍ଯ୍ୟଭାର ଗ୍ରହଣ କଲେ ବସନ୍ତ ଟପ୍ପୋ

**ରାଜଗାଙ୍ଗପୁର, ୧।୩ (ଡି.ଏନ.ଏ)**

ସୋମବାର ରାଜଗାଙ୍ଗପୁର ବ୍ଲକ ଅଧ୍ୟକ୍ଷ ଭାବେ ବସନ୍ତ ଟପ୍ପୋ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପିୟୁଷ ଲୋହାରଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳର ଏକ ମୋଟରସାଇକେଲ ରାଲି ବାହାରି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଭିନ୍ନ ସ୍ଲୋଗାନମାନ ଦେଇ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ଅଧ୍ୟକ୍ଷ କାର୍ଯ୍ୟଭାର ଗ୍ରହଣ କଲାପରେ ଜାମପାଲିଠାରେ ଦଳର ଏକ ସାଧାରଣ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଜେଡି ରାଜ୍ୟ ଉପସଭାପତି ମଙ୍ଗଳା କିଷାନ ଯୋଗଦେଇ ସମସ୍ତ ପଞ୍ଚାୟତସ୍ତରରେ ବିକାଶ ପାଇଁ ଆଗାମୀ ଦିନରେ ସମସ୍ତଙ୍କୁ ଚେଷ୍ଟା କରିବା ପାଇଁ ଆହ୍ୱାନ ଦେଇଥିଲେ । ବ୍ଲକ ଅଧ୍ୟକ୍ଷ ନିଜ ବକ୍ତବ୍ୟରେ ନବୀନ ବାବୁଙ୍କ ବିକାଶର ଧାରାକୁ ପଞ୍ଚାୟତର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିବେ ବୋଲି କହିଥିଲେ । ଏହି ସଭାରେ ବ୍ଲକ ବିଜେଡି ସଭାପତି ରାମଚନ୍ଦ୍ର କୁଜୁର ସଭାପତିତ୍ୱ କରିଥିଲେ। ଲୋଚନ କୁଜୁର ପରିଚାଳନା କରିଥିଲେ । ଏହି ସଭାରେ ସମିତି ସଭ୍ୟ, ସରପଞ୍ଚ, ଜିଲା ପରିଷଦ ସଭ୍ୟ ତଥା ବହୁ ବିଜେଡି ନେତୃବୃନ୍ଦ ଓ କର୍ମୀବୃନ୍ଦ ଉପସ୍ଥିତ ରହିଥିଲେ । ପ୍ରକାଶ ଥାଉକି ଦୀର୍ଘ ୧୪ ବର୍ଷ ପରେ ବ୍ଲକ ଅଧ୍ୟକ୍ଷ ପଦ ବିଜେଡି ପାଇବାରେ ସକ୍ଷମ ହୋଇଛି।




ବ୍ଲକ ଅଧ୍ୟକ୍ଷ ଭାବେ ବସନ୍ତ ଟପ୍ପୋ କାର୍ଯ୍ୟଭାର ଗ୍ରହଣ କରୁଛନ୍ତି।

# ପୋଲିସ ପକ୍ଷରୁ ପରିବାରକୁ ନୋଟିସ୍

**ରାଉରକେଲା ଅଫିସ, ୧। ୩**



ମୃତ ଶ୍ରମିକଙ୍କ ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦା ରାଉରକେଲା ଏସ୍‌ପିଙ୍କୁ ଭେଟିବାକୁ ଆସିଛନ୍ତି।

- **୧୭ ଦିନ ହେଲା ଆଇଜିଏଚ୍ ମର୍ଗରେ ଠିକା ଶ୍ରମିକଙ୍କ ମୃତଦେହ**
- **ମୃତଦେହ ବ୍ୟବଚ୍ଛେଦରେ ସହଯୋଗ କର**

ଆର୍‌ଏସ୍‌ପି ଠିକା ଶ୍ରମିକ ରାଇସେନ ମାରାଣ୍ଡି(୫୨)ଙ୍କ ମୃତଦେହ ଗତ ୧୭ ଦିନ ହେବ ଆଇଜିଏଚ୍ ମର୍ଗ ହାଉସରେ ପଡ଼ିରହିଛି। କ୍ଷତିପୂରଣ ଓ ଅନୁକମ୍ପା ନିଯୁକ୍ତି ଦାବିରେ ପରିବାର, ସମ୍ପର୍କୀୟ ମୃତଦେହ ଉଠାଉ ନାହାଁନ୍ତି। ଏନେଇ ଆର୍‌ଏସ୍‌ପି ଅଧିକାରୀ, ରାଉରକେଲା ଏଡିଏମ୍ ଓ ଜିଲା ଏସ୍‌ପିଙ୍କ ସହ ବୈଠକ ସତ୍ତ୍ୱେ ସୁଫଳ ମିଳିପାରିନି। ପରିସ୍ଥିତି ଦିନକୁ ଦିନ ଜଟିଳ ହେଉଥିବାବେଳେ ସୋମବାର ଆଇଜିଏଚ୍ କର୍ତ୍ତୃପକ୍ଷ ଟାଙ୍ଗରପାଲ୍ଲୀ ପୋଲିସକୁ ସୂଚନା ପ୍ରଦାନ କରି କହିଛନ୍ତି ଯେ, ମୃତଦେହରୁ ଦୁର୍ଗନ୍ଧ ବାହାରିଲାଣି। ଏହା ମେଡିକାଲ ପରିବେଶକୁ ଦୂଷିତ କରୁଛି। ଏଣୁ ତୁରନ୍ତ ମୃତଦେହ ବ୍ୟବଚ୍ଛେଦ ନେଇ ପଦକ୍ଷେପ ନିଆଯାଉ। ଫଳରେ ପୋଲିସ ପ୍ରଶାସନ ପକ୍ଷରୁ ମୃତ ରାଇସେନଙ୍କ ସ୍ତ୍ରୀ ମାଲହ ମାରାଣ୍ଡିଙ୍କୁ ସୋମବାର ନୋଟିସ କରାଯାଇଛି। ତଦନ୍ତ ଓ ମୃତଦେହ ବ୍ୟବଚ୍ଛେଦ ନେଇ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। କ୍ଷତିପୂରଣ ଓ ନିଯୁକ୍ତି ବିନା ପରିବାର ଲୋକେ ଏହାକୁ ଗ୍ରହଣ କରିବା ସ୍ଥିତିରେ ନାହାଁନ୍ତି। ସୋମବାର ମୃତ ଶ୍ରମିକଙ୍କ ପରିବାର ଲୋକ ଓ ସ୍ଥାନୀୟ ଲୋକେ ଦାବି ନେଇ ରାଉରକେଲା ଏସ୍‌ପିଙ୍କୁ ଭେଟିଥିଲେ। ମାତ୍ର କୌଣସି ସମାଧାନ ହୋଇନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତ ନୟାଡେରା ଗାଁର ଠିକା ଶ୍ରମିକ ରାଇସେନ ଗତ ଫେବୃୟାରୀ ୧୧ ରାତିରେ ଇସ୍ପାତ କାରଖାନାକୁ ରାତି ଡ୍ୟୁଟିରେ ଯାଇ ସକାଳୁ ଘରକୁ ଫେରି ନ ଥିଲେ। ସକାଳୁ ତାଙ୍କ ମୃତ୍ୟୁଖବର ପାଇଥିଲେ ପରିବାର ଲୋକେ। ରାଇସେନ କେଉଁ ପରିସ୍ଥିତିରେ କାରଖାନା ଭିତରେ ମୃତ୍ୟୁବରଣ କଲେ ସେନେଇ କିଛି କୁହାଗଲାନି। ତାଙ୍କ ମୃତଦେହକୁ ରାତିରେ ନେଇ ମର୍ଗ ହାଉସରେ ରଖି ଦିଆଗଲା। ଏ ନେଇ ଟାଙ୍ଗରପାଲ୍ଲୀ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭/ ୨୦୨୧) ରୁଜୁ କରି ସେବେଠୁ ତଦନ୍ତ ଜାରି ରଖିଛି। ଏହା ମଧ୍ୟରେ୧୭ ଦିନ ବିତିଲାଣି। ତଥାପି ପରିବାରକୁ ନ୍ୟାୟ ମିଳି ପାରୁନି। କ୍ଷତିପୂରଣ ବାବଦକୁ ୫ ଲକ୍ଷ ଦେବାକୁ ଠିକାଦାର ସହମତ ହୋଇଛନ୍ତି। ସ୍ତ୍ରୀକୁ ଅସ୍ଥାୟୀ ଅନୁକମ୍ପା ନିଯୁକ୍ତି ଦେବାକୁ ପ୍ରଶାସନ ସମ୍ପର୍କୀୟଙ୍କୁ ପ୍ରତିଶ୍ରୁତି ଦେଉଛି। ତଥାପି ସ୍ଥାୟୀ ନିଯୁକ୍ତି ଓ ୧୨ଲକ୍ଷ କ୍ଷତିପୂରଣ ଦାବିରେ ଅଡି ବସିଛନ୍ତି ପରିବାର ଲୋକ। ଘଟଣାରୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଏବେ ଦୂରେଇ ରହୁଥିବାବେଳେ ପ୍ରଶାସନ ମୃତ ରାଇସେନଙ୍କ ପରିବାରକୁ ବୁଝାସୁଝା କରୁଛି। ଆର୍‌ଏସ୍‌ପି ଇତିହାସରେ ଏଭଳି ଘଟଣାକୁ ନୂଆ ବୋଲି କୁହାଯାଉଛି। ଦୀର୍ଘ ୧୭ ଦିନ ହେବ ଜଣେ ନିରିହ ଠିକା ଶ୍ରମିକଙ୍କ ମୃତଦେହ ମର୍ଗରେ ପଡିରହିବା ଘଟଣା ଆଦିବାସୀ ସମ୍ପ୍ରଦାୟକୁ ଆଘାତ ଦେଇଛି। ପରିବାର ପ୍ରଶାସନ କଥାରେ ରାଜି ନ ହେଲେ ମର୍ଗରୁ ଶବ ଉଠାଇବାକୁ ପ୍ରଶାସନ କି ପଦକ୍ଷେପ ନେଉଛି ତାହା ଉପରେ ଅନେକଙ୍କ ନଜର ରହିଛି।

**ବରିଷ୍ଠ ନାଗରିକଙ୍କୁ କରୋନା ଟିକା**

ସୁନ୍ଦରଗଡ଼, (ଡି.ଏନ୍.ଏ)- ସୁନ୍ଦରଗଡ଼ ଜିଲାରେ ସୋମବାର ଜିଲାପାଳ ନିଖିଲ ପବନ କଲ୍ୟାଣ ଏନଟିପିସି କୋଭିଡ୍ ସେଣ୍ଟରଠାରେ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ପର୍ଯ୍ୟାୟରେ ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ଏକାଧିକ ରୋଗରେ ପୀଡ଼ିତ ଥିବା ୪୫ରୁ ୫୯ ବର୍ଷ ବୟସର ଲୋକଙ୍କୁ ଟିକା ଦିଆଯାଉଛି। ଜିଲାରେ ୫୩ଟି ଟିକାଦାନ କେନ୍ଦ୍ର କରାଯାଇଛି। ସରକାରୀ ଟିକାଦାନ କେନ୍ଦ୍ରରେ ମାଗଣାରେ ଟିକା ଦିଆଯାଉଥିବା ବେଳେ ଘରୋଇ ହସ୍ପିଟାଲରେ ୨୫୦ ଟଙ୍କା ଦେବାକୁ ପଡୁଛି। ଜିଲାପାଳ କହିଛନ୍ତି, 'ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଶା କର୍ମୀ ଘର ଘର ବୁଲି ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରୁଛନ୍ତି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ମା' ପଥେଇ ଦୁର୍ଗା ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସକାଶେ କଳସ ଯାତ୍ରା, ମାନେଶ୍ୱର ଛକ, ଅପରାହ୍ନ ୪ଟା ।

## ସଂକ୍ଷେପରେ

### ବାହାର ଯୁବକଙ୍କୁ ଲୁଟିଥିବା ଅଭିଯୁକ୍ତ ଗିରଫ

**ସମ୍ବଲପୁର,୧୩(ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ଥାନା ପୋଲିସ ରାଜ୍ୟ ବାହାର ଯୁବକଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି। ଅଭିଯୁକ୍ତ ସୁନାପାଲି ଗ୍ରାମର ମହମ୍ମଦ କାଲୁ (୨୫)ଙ୍କୁ ଗିରଫ କରି ପୋଲିସ ତାଙ୍କଠାରୁ ୩୦ ହଜାର ଟଙ୍କା ଜବତ କରିଛି। ଏ ନେଇ ଥାନାରେ କେସ୍ ନଂ.୮୭/୨୧ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ତେଲେଙ୍ଗାନାର ଯୁବକ ଓମ୍ ସାଇକୃଷ୍ଣା ରବିବାର ରାତିରେ ସମ୍ବଲପୁରରେ ପହଞ୍ଚିଥିଲେ। ଅଭିଯୁକ୍ତ ମହମ୍ମଦ ଅଇଁଠାପାଲି ଛକରେ ଯୁବକଙ୍କୁ ସମ୍ବଲପୁର ସହର ବୁଲାଇଦେବାକୁ କହି ବାଇକ୍‌ରେ ବସାଇ ସୁନାପାଲିର ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ଛୁରି ଦେଖାଇ ତାଙ୍କଠାରୁ ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ପରେ ଓମ ଧନୁପାଲି ଥାନାକୁ ଆସି ଅଭିଯୋଗ କରିଥିଲେ।

### ସ୍କୁଲ ଛାତ୍ର ଆୟୁଷଙ୍କ ସଫଳତା

**ସମ୍ବଲପୁର, ୧୩ (ବ୍ୟୁରୋ):** ବୁର୍ଲା ଡିଏଭି ସ୍କୁଲ ଛାତ୍ର ଆୟୁଷ ଅଂଶୁମାନ ଭୂୟାଁ ସମର ଶିକ୍ଷାର୍ଥୀ ବାହିନୀରେ ସଫଳତା ହାସଲ କରିଛନ୍ତି। ସ୍କୁଲ ଅଧକ୍ଷା ରଶ୍ମି ମିଶ୍ର, ଏନ୍‌ସିସି ଅଫିସର ରାଜଶ୍ରୀ ସାହାଣୀ ଓ ଶୁକ୍ଳାମ୍ବର ସାହୁ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ସମ୍ବଲପୁର ଗ୍ରୁପ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଲେଫ୍ଟନାଣ୍ଟ ଜେନେରାଲ ତରୁଣ କୁମାର ଆଇଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁର ପଞ୍ଚମ ବାଟାଲିୟନ କ୍ୟାଡେଟ୍ ତଥା ଡିଏଭି ସ୍କୁଲ ଛାତ୍ର ଆୟୁଷଙ୍କୁ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ମହାନିର୍ଦ୍ଦେଶକଙ୍କ ପ୍ରଦତ୍ତ ପ୍ରଶଂସାପତ୍ର ଓ ପଦକ ପ୍ରଦାନ କରାଯାଇଥିଲା।

### ସାହିତ୍ୟ ପତ୍ରିକା ଭୂମାଶ୍ରୀ ଉନ୍ମୋଚିତ

**ସମ୍ବଲପୁର, ୧୩ (ବ୍ୟୁରୋ)-** ବସୁମତି ସାହିତ୍ୟ ସଂସଦର ତ୍ରୟମାସିକ ସାହିତ୍ୟ ପତ୍ରିକା ଭୂମାଶ୍ରୀ ରବିବାର ରାତିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ଏଥିସହ କବି ସ୍ୱପ୍ନେଶ୍ୱର ଦାଶଙ୍କ ସମ୍ପର୍କରେ ଲିଖିତ ଦିପ୍ତୀରଞ୍ଜନ ସେଠଙ୍କ ପୁସ୍ତକ ଅତିଥିମାନେ ଲୋକାର୍ପଣ କରିଥିଲେ। ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ପ୍ରଫେସର ଲକ୍ଷ୍ମୀପ୍ରିୟା ବେହେରା, ପ୍ରଫେସର ରଘୁନାଥ ମେହେର, ପ୍ରଫେସର ଗୁଣସାଗର ଦାଶ, ପ୍ରଫେସର ଗିରିଜା ଶଙ୍କର ଶର୍ମା ଓ ଭୂମାଶ୍ରୀର ମୁଖ୍ୟ ସମ୍ପାଦକ ସୌଭାଗ୍ୟବନ୍ତ ମହାରଣା ଉପସ୍ଥିତ ଥିଲେ। ସହ ସମ୍ପାଦକ ଜୟକୃଷ୍ଣ ବେହେରା ଧନ୍ୟବାଦ ଦେଇଥିଲେ।

### ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ସମ୍ବଲପୁର, ୧୩ (ବ୍ୟୁରୋ)-** ଆଲ୍ଲା ହଜରତ୍ ୱେଲଫେୟାର କମିଟି ପକ୍ଷରୁ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଭୁତାପଡାଠାରେ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଝାରସୁଗୁଡା ଜିଲାର ପ୍ରଶାନ୍ତ ଓ ସନତ ଯୋଡି ଚାମ୍ପିୟନ ହୋଇଥିବା ବେଳେ ସମ୍ବଲପୁରର କାଳିଆ ଓ ସାହିଲ ରନର୍ସଅପ୍ ଟ୍ରଫି ହାସଲ କରିଛନ୍ତି । ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ଖବରଦାତା ପ୍ରମୋଦ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ପ୍ରବୀଣ କୁମାର ସିଂଦେଓ, ଆତିଫ ଆଲାମ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ଗଞ୍ଜେଇ ଜବତ, ୨ ଗିରଫ

**ବୌଦ୍ଧ,୧୩(ସ୍ୱ.ପ୍ର)–** ବୌଦ୍ଧ ଆଦର୍ଶ ଥାନା ଓ ବଘିଆପଡା ଫାଣ୍ଡି ପୋଲିସ ମିଳିତ ଭାବେ ଚଢାଉ କରି ଏକ କାର୍ ସହ ୨୫ କେଜି ଗଞ୍ଜେଇ ଜବତ କରି ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅହମ୍ମଦାବାଦର ଅନୀଲ କୁମାର ମେୱାଡ ଓ କଟକ ଜିଲା ନିଆଳିର ସତ୍ୟବ୍ରତ ପ୍ରଧାନ। ଏମାନେ ଏକ ହୋଣ୍ଡା କାର୍‌ର ବନେଟରେ ପ୍ୟାକେଟ କରି ଗଞ୍ଜେଇ ଚାଲାଣ କରୁଥିଲେ। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କାମ ପାଇଁ ଆଗ୍ରହ କରୁନାହାନ୍ତି ଶ୍ରମିକ

**ସମ୍ବଲପୁର, ୧୩ (ବ୍ୟୁରୋ)**


ସମ୍ବଲପୁର ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ନିୟୋଜିତ ଶ୍ରମିକ ।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍**
- ବକେୟା ପଡିଛି ୨୮ କୋଟି, ଶ୍ରମ ଦିବସରେ ହ୍ରାସ
- ଧାର୍ଯ୍ୟଲକ୍ଷ୍ୟ ପୂରଣ ନେଇ ସନ୍ଦେହ

ମହାମାରୀ କରୋନା ସମୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସମ୍ବଲପୁର ଜିଲାର ଶ୍ରମିକଙ୍କୁ ରୋଜଗାର ଦେଇ ଆର୍ଥିକ ସ୍ଥିତି ସୁଧାର କରିବାରେ ସଞ୍ଜୀବନୀ ଭଳି କାମ କରିଥିଲା। କୋଭିଡ୍ ସଂକ୍ରମଣ କମିବା ପରେ ଏହି ଯୋଜନାରୁ ସରକାରଙ୍କ ନଜର ହଟୁଥିବା ଭଳି ମନେହେଉଛି। ରୋଜଗାର ଦେଉଥିବା ଯୋଜନା ଏବେ ଶ୍ରମିକମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। କାମ କରି ମଜୁରି ପାଉ ନ ଥିବାରୁ ଆଗକୁ କାମ କରିବାକୁ ସେମାନଙ୍କ ମନଉଣା ହେଉଛି। ସ୍ଥାନୀୟ ଅଧିକାରୀ, କର୍ମଚାରୀ ବୁଝାଶୁଝା କଲେ ମଧ ସେମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ଜିଲାରେ ଶ୍ରମ ଦିବସ ମଧ ହ୍ରାସ ପାଇବାରେ ଲାଗିଛି। ଅନ୍ୟପଟେ ଜିଲା ପ୍ରଶାସନର ଧାର୍ଯ୍ୟଲକ୍ଷ୍ୟ ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଶ୍ରମିକ ବାବଦକୁ ପ୍ରାୟ ୧୩ କୋଟି ବକେୟା ରହିଥିବା ବେଳେ ବିଭିନ୍ନ ପ୍ରକଳ୍ପରେ ବ୍ୟବହାର ହୋଇଥିବା ଉପକରଣ ବାବଦକୁ ପ୍ରାୟ ୧୫ କୋଟି ଟଙ୍କା ବକେୟା ପଡିଥିବା ବିଭାଗ ସୂତ୍ରରୁ ଜଣାପଡିଛି।

ସୋମବାର ଜିଲାରେ ମାତ୍ର ୧୬ ହଜାର ୬୩୬ ଶ୍ରମିକ ନିୟୋଜିତ ଥିବା ରିପୋର୍ଟ ରହିଛି। ପୂର୍ବରୁ ହାରାହାରି ପ୍ରତିଦିନ ୪୫ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ନିୟୋଜିତ ରହୁଥିଲେ। ଜାନୁୟାରୀ ୧୫ ପରେ ପ୍ରାୟ ୫୦ ପ୍ରତିଶତ ଶ୍ରମ ଦିବସ ହ୍ରାସ ପାଇଥିବା ଜଣାପଡିଛି। ଜିଲାରେ ୫୫ ଲକ୍ଷ ୨୩୧୫ ଶ୍ରମ ଦିବସ ସୃଷ୍ଟି କରିବା ଲକ୍ଷ୍ୟ ରହିଥିଲା। ଏ ପର୍ଯ୍ୟନ୍ତ ୪୮ ଲକ୍ଷ ୯୪ହଜାର ୭୫୦ ଶ୍ରମ ଦିବସ ସୃଷ୍ଟି ହୋଇଛି। ଆର୍ଥିକବର୍ଷ ଶେଷ ହେବା ପାଇଁ ମାତ୍ର ଏକମାସ ସମୟ ରହିଛି। ଏହି ସମୟ ଭିତରେ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ ବୋଲି ଜଣାପଡୁଛି। ଏଥିପାଇଁ ଶ୍ରମିକମାନଙ୍କ ମଜୁରି ଟଙ୍କା ଓ ଉପକରଣ ଟଙ୍କା ନ ଆସିବା ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି। ମିଳିଥିବା ରିପୋର୍ଟ ଅନୁସାରେ ବାମରା ବ୍ଲକରେ ୨ କୋଟି ୧୨ ଲକ୍ଷ, ଧନକଉଡ଼ାରେ ୫୧ ଲକ୍ଷ, ଜମନକିରାରେ ୨ କୋଟି ୩୯ ଲକ୍ଷ, ଝୁଝୁମୁରାରେ ୧ କୋଟି ୮୮ ଲକ୍ଷ, କୁଚିଣ୍ଡାରେ ୧ କୋଟି ୫୫ ଲକ୍ଷ, ମାନେଶ୍ୱରରେ ୫୭ ଲକ୍ଷ, ରେଢ଼ାଖୋଲରେ ୧ କୋଟି ୫ ଲକ୍ଷ, ନାକଟିଦେଉଳରେ ୭୫ ଲକ୍ଷ, ରେଙ୍ଗାଲି ବ୍ଲକରେ ୧କୋଟି ୬୬ ଲକ୍ଷ ଟଙ୍କା ଗତ ସପ୍ତାହ ପର୍ଯ୍ୟନ୍ତ ବକେୟା ଥିବା ଜଣାପଡିଛି। ନିୟମ ଦୃଷ୍ଟିରୁ ଶ୍ରମିକମାନେ ଏକସପ୍ତାହ କାମ କରିବା ପରେ ପର ସପ୍ତାହରେ କାମର ମେଜରମେଣ୍ଟ କରି ବିଲ୍ କରାଯାଇଥାଏ ଓ ସେହି ସପ୍ତାହ ଭିତରେ ଶ୍ରମିକଙ୍କ ଟଙ୍କା ଦିଆଯାଇଥାଏ। ହେଲେ ଜାନୁୟାରୀ ୪ ତାରିଖଠାରୁ ଟଙ୍କା ପୈଠ କରାଯାଇ ନ ଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ଅଧିକ କାର୍ଯ୍ୟ ଦିବସ ସୃଷ୍ଟି କରିବା ପାଇଁ ଟାର୍ଗେଟ ଦିଆଯାଉଥିଲା। ଏହାକୁ ନେଇ ଅନେକ ପ୍ରକଳ୍ପ ପଞ୍ଚାୟତସ୍ତରରେ ହାତକୁ ନିଆଯାଇଛି। ଏବେ ତାହା ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। ଆଗକୁ ପ୍ରଚଣ୍ଡ ଖରା ହେବାର ସମ୍ଭାବନା ଥିବାରୁ ଶ୍ରମିକମାନେ କାମ କରିବାକୁ ଇଚ୍ଛା ପ୍ରକାଶ କରିବେ ନାହିଁ। ତେଣୁ ଅଧାପନ୍ତରିଆ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା କୋଅର୍ଡିନେଟର ଶୋଭିତ ବିଶି କହିଛନ୍ତ, ପେମେଣ୍ଟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଟଙ୍କା ଆସିବା ସମ୍ଭାବନା ରହିଛି

# ବନ୍ଧୁଙ୍କୁ ନ ଭେଟି ଫୋନ୍‌ରେ କାର୍ଯ୍ୟ ତୁଲାଇବାକୁ ପରାମର୍ଶ


କନକତୋରା ସ୍କୁଲ୍‌ରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ।

**ଝାରସୁଗୁଡ଼ା ଅଫିସ୍,୧୩**

ଝାରସୁଗୁଡା ଜିଲା ପ୍ରଶାସନ ତରଫରୁ ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ଛତିଶଗଡ ସୀମାନ୍ତ କନକତୋରା ସ୍କୁଲ୍‌ରେ ସୋମବାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝିଙ୍କ ଅଧ୍ୟକ୍ଷତାରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଉପଜିଲାପାଳ ଶିବ ଟପ୍ପୋ, ଜିଲା ମୁଖ୍ୟଚିକିତ୍ସକ ଡା. ଲାଲା ମୋହନ ରାଉତରାୟ, ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ବିଡିଓ ସଞ୍ଜୀବ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ସୀମାନ୍ତବର୍ତ୍ତୀ ୭ ପଞ୍ଚାୟତର ପିଆର୍‌ଆଇ ସଦସ୍ୟ ସରପଞ୍ଚ, ସମିତିସଭ୍ୟ, ଓାର୍ଡସଭ୍ୟ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ଯୋଗଦେଇଥିଲେ। ଜିଲାପାଳ ସାମଲ ସମସ୍ତଙ୍କୁ କୋଭିଡ୍ ନିୟମ ପାଳନ କରିବା ସମ୍ପର୍କରେ ସାମୂହିକ ଶପଥ ପାଠ କରାଇଥିଲେ । ସେ କହିଥିଲେ, ସୀମାନ୍ତରେ ଉଭୟ ରାଜ୍ୟର ଲୋକଙ୍କ ମଧ୍ୟରେ ସମ୍ପର୍କ ରହିଛି । ଏହି ସମ୍ପର୍କ ମଧ୍ୟରେ ସତର୍କତା ଅବଲମ୍ବନ କରିବାକୁ ହେବ। ବନ୍ଧୁବାନ୍ଧବ ଘରକୁ ନ ଯାଇ ଲୋକଙ୍କୁ ନ ଭେଟି ଫୋନ୍‌ରେ କଥାବାର୍ତ୍ତା ହୋଇ କାମ କରିବା। ଛତିଶଗଡ ଅଞ୍ଚଳକୁ ଗଲେ କୋଭିଡ୍ ପରୀକ୍ଷା ସହ ୭ଦିନ ଗୃହ ସଙ୍ଗରୋଧରେ ରହିବା, ମାସ୍କ, ସାନିଟାଇଜର ଓ ସମଦୂରତା ରକ୍ଷା କରିବା ଆଦି ନିୟମ ଅନୁପାଳନ କରିବା ପାଇଁ ଜିଲାପାଳ ସାମଲ ଅନୁରୋଧ କରିଥିଲେ। ଏହାସହ ଜନପ୍ରତିନିଧିମାନେ ନିଜ ପଞ୍ଚାୟତରେ ଲୋକଙ୍କୁ ସଚେତନତା କରିବାକୁ କହିଥିଲେ ।

# ଶିଳ୍ପାୟନ ଯୋଗୁ ପୁରାତନ ସଂସ୍କୃତି ଲୋପ ପାଉଛି



ଆଲୋଚନା ଚକ୍ରରେ ଭାଗ ନେଇଥିବା ଅତିଥି।

**ସମ୍ବଲପୁର,୧୩ (ବ୍ୟୁରୋ)**

ବିଗତ କିଛିବର୍ଷ ହେବ ପଶ୍ଚିମ ଓଡିଶାରେ ଅନେକ ଶିଳ୍ପାନୁଷ୍ଠାନ ଗଢି ଉଠିଛି। ଏହା ପୁରାତନ ସଂସ୍କୃତି ଲୋପ ପାଇବାର ମୁଖ୍ୟ କାରଣ। କଳକାରଖାନା, ଶିଳ୍ପ ଯୋଗୁ ସ୍ଥାନୀୟ ଲୋକଙ୍କୁ ବିସ୍ଥାପିତ କରାଯାଉଛି। ସେମାନେ ଭିଟାମାଟି ଓ ଜୀବିକା ହରାଉଛନ୍ତି। ଶହ ଶହ ବର୍ଷରୁ ପାଳନ ହେଉଥିବା ପରମ୍ପରା ବନ୍ଦ ହୋଇଯାଉଛି। କାରଖାନା କାର୍ଯ୍ୟକ୍ଷମ ହେବା ପରେ ପରିବେଶ ପ୍ରଦୂଷଣ ଯୋଗୁ ସାଧାରଣ ଲୋକେ ଫୁସ୍‌ଫୁସ୍ ଓ ଅନ୍ୟ ସ୍ୱାସ୍ଥଗତ ସମସ୍ୟାରେ ପଡୁଛନ୍ତି। ଶିଳ୍ପ ପ୍ରତିଷ୍ଠା ଫଳରେ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ହୋଇଥାଏ, ହେଲେ ସମାଜର ସାମୂହିକ ବିକାଶ ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି ବୋଲି ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଆୟୋଜିତ ପଶ୍ଚିମ ଓଡିଶାରେ ଦୃତ ଶିଳ୍ପାୟନର ପ୍ରଭାବ ମୂଲ୍ୟାଙ୍କନ ଶୀର୍ଷକ ଆଲୋଚନାଚକ୍ରରେ ବ୍ୟକ୍ତାମାନେ ମତ ପ୍ରକାଶ କରିଥିଲେ। ସମିତିର ଉପସଭାପତି ଅରବିନ୍ଦ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗରାଜୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା, ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଯୋଗଦେଇଥିଲେ। ସ୍ମୃତିସମିତି ସମ୍ପାଦକ ହେମନ୍ତ କୁମାର ସ୍ୱାଗତ ଭାଷଣ ଦେଇଥିବାବେଳେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶେଫାଳୀ ରାଣୀ ଦାଶ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡକ୍ଟର ଶ୍ରୀବନ୍ତ ଦାଶ, ଲଜପତ ରାୟ ଆଇନ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ବିଜୟାନନ୍ଦ ବେହେରା, ପ୍ରଫେସର ଶଙ୍କର ପ୍ରସାଦ ପତି, ସମ୍ବଲପୁର ବିଶ୍ୱବିଦ୍ୟାଳର ଅର୍ଥନୀତି ବିଭାଗ ମୁଖ୍ୟ ସଂଯୁକ୍ତା ଦାସ, ଜିଏମ୍ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ଡକ୍ଟର ମୀନକେତନ ବାଗ ଓ ଡକ୍ଟର ନିବେଦିତା ନାଥ, ଡକ୍ଟର ଝରଣା ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ବୌଦ୍ଧ,୧୩(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ-କୁଶଙ୍ଗ ପୂର୍ତ୍ତ ବିଭାଗ ରାସ୍ତାର ଡାଲଢପାଠାରେ ଟ୍ରାକ୍ଟର ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତରଙ୍ଗ ଗ୍ରାମର ସନ୍ତୋଷ ଡାକୁଆ (୨୩)। ଖବର ପାଇ ହରଭଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି । ସୂଚନା ଅନୁସାରେ, ସନ୍ତୋଷ ସୋମବାର କୁଟିଟାରରେ ଭୋଜି ଖାଇ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଅପରାହ୍ନ ୪ଟା ବେଳେ ଡାଲଢପାଠାରେ ଛତରଙ୍ଗ ପଟୁ କୁଶଙ୍ଗ ଆଡକୁ ଯାଉଥିବା ଏକ ଟ୍ରାକ୍ଟର ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ହୋଇଥିଲା।

### ୬ ମାସ ହେଲା ନଳକୂପ ଅଚଳ

**ଜହ୍ନାପଙ୍କ, ୧୩ (ଡି.ଏନ.ଏ):** ବୌଦ୍ଧ ବ୍ଲକ ତେଲିବନ୍ଧ ଗ୍ରାମର ହାତପଦାଠାରେ ଥିବା ନଳକୂପ ୬ ମାସରୁ ଉର୍ଦ୍ଧ୍ୱ ହେଲା ଅଚଳ ହୋଇପଡିଛି। ଏହାକୁ ମରାମତି କରିବା ପାଇଁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଶନିବାର ଏଠାରେ ସାପ୍ତାହିକ ହାଟ ବସେ । ବର୍ଷର ଅଧିକାଂଶ ସମୟରେ ଏହା ଖରାପ ରହୁଥିବାରୁ ହାଟକୁ ଆସୁଥିବା ବ୍ୟବସାୟୀ ଓ ଗ୍ରାହକମାନେ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ବାଟ ଦେଇ ଯାଉଥିବା ପଥିକମାନେ ମଧ ପାଣି ପାଇଁ ଡହକବିକଳ ହେଉଛନ୍ତି।

# କୋଭିଡ୍ ସଚେତନତା ସେମିନାର

**ସମ୍ବଲପୁର,୧୩ (ବ୍ୟୁରୋ)**

ସମ୍ବଲପୁରର ବୁର୍ଲାସ୍ଥିତ ଭିସୁଟ୍ ତଥା ଆଖପାଖ ଅଞ୍ଚଳରେ କୋଭିଡ୍ ସଂକ୍ରମଣ ଚିହ୍ନଟ ହୋଇଛନ୍ତି। ତେଣୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ପକ୍ଷରୁ କୋଭିଡ୍-୧୯ ମୁକାବିଲା ଓ ସୁରକ୍ଷା ନେଇ ସୋମବାର ଏମ୍‌ବିଏ ବିଭାଗ ସମ୍ମିଳନୀ କକ୍ଷରେ ସଚେତନତା ସେମିନାର ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଭିଡିଓ କନ୍‌ଫରେନ୍ସିଂରେ ଏହାକୁ ଉଦ୍‌ଘାଟନ କରିଥିଲେ। କୁଳପତି ସଞ୍ଜୀବ ମିତ୍ତଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ମହାଦେଓ ଜୈଶୱାଲ, ପିଜି କାଉନସିଲ ଅଧକ୍ଷ ସଞ୍ଜିତ ସାହୁ ଉପସ୍ଥିତ ଥିଲେ। ଭିମସାର ଡାକ୍ତର ରବୀନ୍ଦ୍ର ପ୍ରଧାନ, ଡାକ୍ତର ପ୍ରକାଶ ପଣ୍ଡା, ଡାକ୍ତର ଏସ୍ ପୋଥାଲ ଯୋଗଦେଇ କରୋନାକୁ କିଭଳି ମୁକାବିଲା କରାଯାଇ ପାରିବ ଓ କି ସୁରକ୍ଷା ଅବଲମ୍ବନ କରିହେବ ସେ ନେଇ ଆଲୋକପାତ କରିଥିଲେ। କୁଳପତି ମିତ୍ତଲ ଆଗକୁ ଏଭଳି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯିବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ନିରାମୟ କେନ୍ଦ୍ର ଖୋଲିବାକୁ ଅନୁରୋଧ କରିବାରୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଏ ଦିଗରେ ଆଲୋଚନ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅଶ୍ୱିନୀ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତାଲୁକ ଆଇନସେବା ପକ୍ଷରୁ ସଚେତନତା ଶିବିର

**ରେଢାଖୋଲ,୧୩ (ଡି.ଏନ.ଏ.)**

ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ସୋମବାର ସିଭିଲ କୋର୍ଟ ପରିସରରେ କୋଭିଡ୍-୧୯ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏସ୍‌ଡିଜେଏମ୍ ଅଞ୍ଜଳି ମଛଖଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପଜିଲାପାଳ ପଦ୍ମନାଭ ବେହେରା, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଓକିଲ ସଂଘ ସଭାପତି ଗଣେଶ୍ୱର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୋଭିଡ୍-୧୯ର ଭୟାବହତା ଓ ସୁରକ୍ଷା ଉପରେ ସଚେତନ କରିଥିଲେ। ଉପଜିଲାପାଳ ବେହେରା ସରକାରୀ ନିର୍ଦ୍ଦେଶନାମାକୁ ଜନସାଧାରଣ ମାନିବା ଆବଶ୍ୟକ ବୋଲି କହିଥିଲେ। ତହସିଲଦାର ରୁବି ବେହେରା, ବିଡିଓ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର ଏଜଲିନ ବାରା,ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, ଜିପିଇଓ ପଞ୍ଚାନନ ବେହେରା ପ୍ରମୁଖ ଯୋଗଦେଇ ଆବଶ୍ୟକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ଜନକ କୁମାର ବାଗ୍, ପ୍ରେମଚାନ୍ଦ କୁଲୁ, ବରିଷ୍ଠ ଆଇନଜୀବୀ ଦୟାସାଗର ପ୍ରଧାନ, ଜଗନ୍ନାଥ ବିଶ୍ୱାଳ, ବିମଲ ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ ଉପସ୍ଥିତ ଥିଲେ। ଓକିଲସଂଘ ସଭାପତି ଧନ୍ୟବାଦ ଦେଇଥିଲେ।

# ସବ୍‌କମିଟି ନିକଟରେ ଦୁଃଖ ଜଣାଇଲେ କ୍ଷତିଗ୍ରସ୍ତ ଗ୍ରାମବାସୀ

**ଝାରସୁଗୁଡ଼ା ଅଫିସ୍,୧୩**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ତିଲିଆ ପାଉଁଶ ପୋଖରୀ ଦ୍ୱାରା ସଂସରାଟିକ୍ରା ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି। ପ୍ରଭାବିତ ଗ୍ରାମବାସୀ କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଏନ୍‌ଜିଟି ଆଦିଙ୍କ ଦ୍ୱାରସ୍ଥ ହୋଇଥିଲେ ବି କୌଣସି ସୁଫଳ ମିଳିନାହିଁ। ଏପରିସ୍ଥଳେ ବିଧାନସଭା ଗୃହ ସବ୍‌କମିଟି ସୋମବାର ଓପିଜିସି ଆସୁଥିବା ଖବର ପାଇ ରାସ୍ତାରେ ଗ୍ରାମବାସୀ ତାଙ୍କୁ ଅଟକାଇ ଲିଖିତ ଭାବେ ସେମାନଙ୍କ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଏହି ସମୟରେ ସବ୍‌କମିଟି ଅଧ୍ୟକ୍ଷ ନରସିଂହ ମିଶ୍ରଙ୍କୁ ଗ୍ରାମବାସୀ ଦାୟର କରିଥିବା ଏନ୍‌ଜିଟି ରିପୋର୍ଟ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ସେ ଅନୁଧ୍ୟାନ କରିବେ ବୋଲି କହିଥିଲେ। ଏହି ରିପୋର୍ଟ ପ୍ରଦାନ କରିବା ସମୟରେ ଜିଲା ଭାଜପା ସଭାପତି ମଙ୍ଗଳ ସାହୁ, ଜିଲାପରିଷଦ ସାମଲ ନାୟକ, ଗୌତମ ସେଠ୍, ମା' ଅମ୍ବିକା ମହିଳା ଗ୍ରୁପ୍ କର୍ମକର୍ତ୍ତା ତୁଳସୀ ସେଠ୍, ଲିଲି ସେଠ୍ ଓ ସଞ୍ଜୁଲତା ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା କଂଗ୍ରେସର ଏସ୍‌ସି, ଓବିସି ସେଲ୍ ସଭାପତି ଚୟନ


ସଞ୍ଜୀବ ଗର୍ଡିଆ ।


ଜିତେନ୍ଦ୍ର ପ୍ରଧାନ।

**ସମ୍ବଲପୁର,୧୩(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସମ୍ବଲପୁର ଜିଲା କଂଗ୍ରେସରେ ନୂତନ ଭାବେ ଏସ୍‌ସି ଓ ଓବିସି ସେଲ୍ ସଭାପତି ଚୟନ କରାଯାଇଛି। ପ୍ରଦେଶ କମିଟି ଓବିସି ରାଜ୍ୟ ସଭାପତି ବିଷ୍ଣୁ ଚରଣ ବାରିକଙ୍କ ଅନୁମୋଦନ କ୍ରମେ ଜିଲାରେ ଜିତେନ୍ଦ୍ର ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଏସ୍‌ସି ସେଲ୍ ରାଜ୍ୟ ସଭାପତି ବାଙ୍କନିଧି ବେହେରାଙ୍କ ଅନୁମୋଦନ କ୍ରମେ ସଞ୍ଜୀବ କୁମାର ଗର୍ଡିଆଙ୍କୁ ମନୋନୀତ କରାଯାଇଛି। ଏହି ଦାୟିତ୍ୱ ପାଇବା ପରେ ଉଭୟ ଯୁବନେତା ପ୍ରଦେଶ କଂଗ୍ରେସ କମିଟି ଓ ଜିଲା କଂଗ୍ରେସ କମିଟିକୁ ସାଧୁବାଦ ଜଣାଇଛନ୍ତି। ଏସ୍‌ସି ସେଲ୍ ଜିଲା ସଭାପତି ସଞ୍ଜୀବ କହିଛନ୍ତି, ଦଳ ଯାହା ଦାୟିତ୍ୱ ଦେଇଛି ସୁଚାରୁରୂପେ ପାଳନ କରିବେ। ଏବେ ବ୍ଲକ ଓ ପଞ୍ଚାୟତ ସ୍ତରରେ ଏସ୍‌ସି ସେଲ୍ ସଭାପତି, ସମ୍ପାଦକ ଭଳି ପଦଗୁଡିକ ପୂରଣ କରାଯିବ।

# ଏକ୍ସପାଏରି ସାଲାଇନ ନେଇ ରୋଗୀ ଚେତାଶୂନ୍ୟ

**ଡିଏଚ୍‌ଏଚ୍‌ରେ ରୋଗୀସେବାରେ ଅବହେଳା**

**ସମ୍ବଲପୁର,୧୩ (ବ୍ୟୁରୋ)**


ସରୋଜ ସାହୁ



ଏକ୍ସପାଏରି ସାଲାଇନ।

ସମ୍ବଲପୁର ଜିଲା ସଦର ଡାକ୍ତରଖାନା (ଡିଏଚ୍‌ଏଚ୍)ରେ ରୋଗୀସେବାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଏହାର ନମୁନା ରବିବାର ରାତିରେ ଦେଖିବାକୁ ମିଳିଛି। ଜଣେ ରୋଗୀଙ୍କୁ ଏକ୍ସପାଏରୀ ସାଲାଇନ ଦିଆଯିବା ପରେ ସେ କିଛିସମୟ ପାଇଁ ଚେତାଶୂନ୍ୟ ହୋଇପଡିଥିଲେ।

ସରୋଜ ସାହୁ ନାମକ ରୋଗୀ ଅଭିଯୋଗ କରିଛନ୍ତି ଯେ, ରବିବାର ସନ୍ଧ୍ୟାରେ ତାଙ୍କର ପତଳା ଝାଡ଼ା ହୋଇଥିଲା। ଅସୁସ୍ଥ ଅନୁଭବ କରିବାରୁ ସେ ଡିଏଚ୍‌ଏଚ୍‌କୁ ଆସିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ସଂକ୍ରମଣ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ସିପ୍ରୋ କମ୍ପାନୀର ସାଲାଇନ ଦିଆଯାଇଥିଲା। ଏହା ନେବା ପରେ ତାଙ୍କ ସ୍ୱାସ୍ଥ୍ୟ ବିଗିଡିଯାଇଥିଲା। ଛାତିରେ ଯନ୍ତ୍ରଣା ହୋଇଥିଲା। ଗୋଡ଼ ହାତ ବିନ୍ଧିବାକୁ ଲାଗିଥିଲା। ପ୍ରାୟ ୧୫ ମିନିଟ ପାଇଁ ଚେତାଶୂନ୍ୟ ହୋଇଯାଇଥିଲେ। ୨ଟି ଇଞ୍ଜେକ୍ସନ ନେବା ପରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିଲା। ରାତି ୩ଟାରେ ଆଉଜଣେ ରୋଗୀ ଆସି ନିକଟ ବେଡ୍‌ରେ ରହିଥିଲେ। ତାଙ୍କୁ ମଧ ସମାନ ସାଲାଇନ ଦିଆଯାଇଥିଲା। ରୋଗୀଙ୍କ ସାନଭାଇ ଏକ୍ସପାଏରି ସାଲାଇନ ଦିଆଯାଇଥିବା ଜାଣିବାକୁ ପାଇଥିଲେ। ଉକ୍ତ ସାଲାଇନରେ ୨୦୧୯ ଫେବୃୟାରୀରୁ ୨୦୨୧ ଜାନୁୟାରୀ ପର୍ଯ୍ୟନ୍ତ ବ୍ୟବହାର ଉପଯୋଗୀ ବୋଲି ଲେଖା ରହିଛି। ଏକ୍ସପାଏରି ହେବାର ଏକମାସ ବିତିଯାଇଥିଲେ ମଧ ଏହା ଷ୍ଟୋର ରୁମ୍‌ରୁ କିଭଳି ୱାର୍ଡକୁ ଗଲା ଓ ଷ୍ଟାଫ୍‌ମାନେ ନ ଦେଖି ରୋଗୀଙ୍କୁ ଦେଲେ ତାହା ସନ୍ଦେହ ସୃଷ୍ଟି କରିଛି। ତେଣୁ ଏହାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସରୋଜଙ୍କ ସମେତ ଅନ୍ୟ ରୋଗୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡାକ୍ତର ଅଲେଖ ମହାପାତ୍ର କହିଛନ୍ତି, ସାଲାଇନ କିମ୍ବା କୌଣସି ଔଷଧ ରୋଗୀମାନଙ୍କୁ ଦେବା ପୂର୍ବରୁ ଏକ୍ସପାଏରି ତାରିଖ ଯାଞ୍ଚ କରାଯାଇଥାଏ। ଏଭଳି ହେବା କଥା ନୁହେଁ। ନର୍ସ ଓ ଷ୍ଟୋର କର୍ମଚାରୀଙ୍କୁ ଏ ଦିଗରେ ଗୁରୁତ୍ୱ ଦେବାକୁ କୁହାଯାଇଥାଏ। ତଦନ୍ତ ପରେ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଆବାସ ଯୋଜନାରେ ଦୁର୍ନୀତି, ବିଡିଓଙ୍କୁ ଦାବିପତ୍ର**

ଡୁଙ୍ଗୁରିପାଲି (ଡି.ଏନ.ଏ.):ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନରେ ଅନିୟମିତତା ହୋଇଛି। ଏସଇସିସି ତାଲିକାରେ ମନଇଚ୍ଛା ତଳ ଉପର କରି ଘର ବଣ୍ଟନ କରାଯାଇଛି। ଅସମ୍ପୂର୍ଣ୍ଣ ଘରର ଫାଇନାଲ ବିଲ୍ ମିଳୁଥିବା ବେଳେ ସମ୍ପୂର୍ଣ୍ଣ ହୋଇଥିବା ଘର ବିଲ୍ ମିଳିବାରେ ବିଳମ୍ବ ହେଉଛି। ଏଭଳି ଅଭିଯୋଗ କରି ସୋମବାର ଭାଜପା ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ୧୪ ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଗଲେ ବ୍ଲକ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ନିତେଇ ପାଲ, ବିକାଶ ଶତପଥୀ, ଶିବ ମୁଗ୍ରୀ, ବାସୁଦେବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଘରେ ନିଆଁ ଲାଗି ଯୁବତୀ ଜୀବନ୍ତ ଦଗ୍ଧ

**କୋକସରା, ୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଥାନା ଖପ୍ରାମାଲ ଗାଁରେ ସୋମବାର ସକାଳୁ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ୟୁକ୍ତ ୨ରେ ପଢୁଥିବା ଟ୍ୱିଙ୍କଲ କନ୍ଦପାନ (୨୨) ସୋମବାର ସକାଳେ ରୋଷେଇ ଘରେ ଥିବା ସମୟରେ ହଠାତ୍ ରନ୍ଧନ ଗ୍ୟାସରୁ ଲିକ ହୋଇ ନିଆଁ ଲାଗି ପୋଡି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଖବର ପାଇ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ଆଗରୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଏବେ ସୁଦ୍ଧା ଅସ୍ପଷ୍ଟ ଥିବା ବେଳେ ରନ୍ଧନ ଗ୍ୟାସରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। କୋକସରା ପୋଲିସ ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଛି।

### ଏନ୍‌ସିସି କ୍ୟାଡେଟ ଖଗେନ୍ଦ୍ର ସିଙ୍ଗାପୁର ଯିବା ପାଇଁ ମନୋନୀତ

**ଭବାନୀପାଟଣା, ୧।୩ (ଡି.ଏନ.ଏ.)-** କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ବିଜ୍ଞାନ ଛାତ୍ର ଖଗେନ୍ଦ୍ର ରଣା ସିଙ୍ଗାପୁର ଯିବା ପାଇଁ ମନୋନୀତ ହୋଇଛନ୍ତି। ଏନ୍‌ସିସି ଅତିରିକ୍ତ ଡିଜିଙ୍କ ଦ୍ୱାରା ଓଡିଶାର ୮ ଜଣ ଛାତ୍ର ୟୁଥ ଏକ୍ସଚେଞ୍ଜ ପ୍ରୋଗ୍ରାମରେ ସିଙ୍ଗାପୁର ଯିବା ପାଇଁ ମନୋନୀତ ହେବା ନେଇ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଏନ୍‌ସିସି ଅଫିସର ଡ. ଜୟଦେବ ସାହୁ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ କଲେଜରୁ ଗୃହରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଏନ୍‌ସିସି କ୍ୟାଡେଟ ଭାବେ ଇଂଲଣ୍ଡ ଯାଇଥିଲେ। ଦୀର୍ଘ ବର୍ଷ ପରେ ଛାତ୍ର ଖଗେନ୍ଦ୍ରଙ୍କୁ ଏହି ସୁଯୋଗ ମିଳିଥିବାରୁ ଜିଲାରେ ଖୁସିର ଲହରି ଖେଳିଯାଇଛି।

### ସରପଞ୍ଚଙ୍କ ମାତୃ ବିୟୋଗ

**ଲାଠୋର, ୧।୩(ଡି.ଏନ.ଏ.)-** ବଲାଙ୍ଗୀର ଜିଲଶ ଖପ୍ରାଖୋଲ ବ୍ଲକ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କ ମା କମଳିବାଇ ଅଗ୍ରୱାଲ(୮୭)ଙ୍କ ସୋମବାର ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ ଝିଅ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ ପୁଅ ରମେଶ ଅଗ୍ରୱାଲ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

### କୃଷି ଋଣ ନବୀକରଣ ମେଳା

**ଭବାନୀପାଟଣା, ୧।୩ (ଡି.ଏନ.ଏ.)-** ଭବାନୀପାଟଣା ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ତିଲପୋଡି ଗ୍ରାମରେ ଏକ କୃଷିଋଣ ନବୀକରଣ ମେଳା ଅନୁଷ୍ଠିତ ହୋଇଯାଇଛି। ଜୟପୁର ଆଞ୍ଚଳିକ କାର୍ଯ୍ୟାଳୟର ଆରଏମ ସୁକାନ୍ତ କୁମାର ମହାପାତ୍ର, ଭବାନୀପାଟଣା ଶାଖାର ମୁଖ୍ୟ ପ୍ରବନ୍ଧକ ରାମହରି ବେହେରା, ଆରଏସିସିର ମୁଖ୍ୟ ପ୍ରବନ୍ଧକ ସୁମନ୍ତ କୁମାର ପଧାନ, ଉପଶାଖା ପରିଚାଳକ ନିତାଇ ଚନ୍ଦ୍ର ମଲିକ ଏବଂ କ୍ଷେତ୍ର ଅଧିକାରୀ ସବ୍ୟସାଚୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମେଳା ଅନୁଷ୍ଠିତ ହୋଇଥିଲା। ମେଳାରେ ପ୍ରାୟ ୧୦୦ ଜଣ ସ୍ଥାନୀୟ ଋଣ ଗ୍ରହୀତା ଚାଷୀମାନେ ଯୋଗଦେଇଥିଲେ। ଆଞ୍ଚଳିକ ମୁଖ୍ୟ ପ୍ରବନ୍ଧକ ସୁକାନ୍ତ କୁମାର ମହାପାତ୍ର, କୃଷିଋଣ ଗ୍ରାହକମାନଙ୍କୁ କୃଷିଋଣ ସିକୃତିପତ୍ର ପ୍ରଦାନ କରିଥିଲେ।

### ଯାଦବ ସମାଜର ସାଙ୍ଗଠନିକ ବୈଠକ, କର୍ମକର୍ତ୍ତା ଚୟନ

**ଖଡିଆଳ, ୧।୩ (ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ନଗରର ଯାଦବ ସମାଜର କର୍ମକର୍ତ୍ତା ଚୟନ ହୋଇଯାଇଛି। ଖଡିଆଳ ବିଜେପୁରସ୍ଥିତ ଯାଦବ ଫାର୍ମ ହାଉସରେ ଖଡିଆଳ ସମସ୍ତ ୱାର୍ଡର ଶହେରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ନେଇ ଏକ ସାଙ୍ଗଠାନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଯାଦବ ସମାଜର ବରିଷ୍ଠ ସଦସ୍ୟ ତେଜୁରାମ ଯାଦବ ଅଧକ୍ଷତା କରିଥିବା ବେଳେ ସଂଘ ସଦସ୍ୟ ସୁନୀଲ କୁମାର ନାଗ ମଞ୍ଚ ପରିଚାଳନା କରିଥିଲେ। ଖଡିଆଳ ଯାଦବ ସମାଜ ସଭାପତି ଭାବେ ଶୁକରୁ ବାଗ, ଉପସଭାପତି ବିଶ୍ୱନାଥ କଣ୍ଟା, ସମ୍ପାଦକ ଜଳନ୍ଧର କେତକି, ସହସମ୍ପାଦକ ସୁନୀଲ କୁମାର ନାଗ ଓ ମନୋଜ ହଂସ, କୋଷାଧକ୍ଷ ହେମନ୍ତ ବନ୍ଦିଛୋର ରୂପେ ନିର୍ବାଚିତ ହୋଇଛି। ସମାଜକୁ କିପରି ଆଗକୁ ବଢ଼ିବାରେ ସମସ୍ତ ସଦସ୍ୟଙ୍କ ଆବଶ୍ୟକତା ରହିଛି ସେ ନେଇ ଆଲୋଚନା କରାଯାଇଥିଲା।

# ଘର ଦାବିରେ ଗର୍ଜିଲେ ପଡ଼ାବାସୀ

**ବରଗଡ଼ ଅଫିସ୍, ୧।୩**


ଘର ଦାବିରେ ପଡ଼ାବାସୀଙ୍କ ଶୋଭାଯାତ୍ରା।

**■ମିଳୁନି ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ**
**■ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଲେ**

ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଗରିବ ହିତାଧିକାରୀଙ୍କୁ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯାଉଛି। କିନ୍ତୁ ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲି ପଞ୍ଚାୟତ ଅଧିନ ୱାର୍ଡ଼ ନଂ-୪, ୫, ୬, କେନାଲପଡ଼ା ଏବଂ ସିଦ୍ଧେଶ୍ୱର ନଗର ବାସିନ୍ଦାଙ୍କୁ ଗତ କିଛିବର୍ଷ ହେଲା ଏହି ଯୋଜନାରୁ ବଞ୍ଚିତ କରାଯାଉଛି। ଏଭଳି ଅଭିଯୋଗ ୱାର୍ଡ଼ ଗୁଡ଼ିକର ଶତାଧିକ ମହିଳା ପୁରୁଷ ସୋମବାର ସ୍ଥାନୀୟ ସରପଞ୍ଚ ବିଜୟ ଲାକ୍ରାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଧାରଣାସ୍ଥଳକୁ ପହଞ୍ଚି ସ୍ମାରକପତ୍ର ଗ୍ରହଣ କରିଥିଲେ। ଆସନ୍ତା ଶନିବାର ସୁଦ୍ଧା ଉକ୍ତ ପଡ଼ାକୁ ଯିବେ ଏବଂ ସେମାନେ ଯେଭଳି ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଘର ପାଇପାରିବେ, ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ଟପ୍ପୋ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପଡ଼ାବାସୀ ଧାରଣାରୁ ଉଠିଥିଲେ।

ପ୍ରାୟ ୭୦ବର୍ଷ ତଳୁ ଏହି ପଡ଼ା ଗୁଡ଼ିକ ଗଢ଼ି ଉଠିଛି। ଏଠାରେ ୪୮୦ ପରିବାର ରହୁଥିବାବେଳେ ସମସ୍ତେ ଶ୍ରମଜୀବୀ ଶ୍ରେଣୀର। ସେମାନେ ଭୋଟର ପରିଚୟ ପତ୍ର, ଆଧାର କାର୍ଡ଼ ପାଇଥିବାବେଳେ ରାଶନ ସାମଗ୍ରୀ ମଧ୍ୟ ନେଉଛନ୍ତି। ୨୦୧୬-୧୭ ମସିହା ପର୍ଯ୍ୟନ୍ତ ପଡ଼ାବାସୀଙ୍କୁ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଘର ମିଳି ଆସୁଥିଲା। ମାତ୍ର ଗତ ୪/୫ବର୍ଷ ହେଲା ବାରମ୍ବାର ଆବେଦନ ସତ୍ତ୍ୱେ ସେମାନଙ୍କୁ ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ମିଳୁନାହିଁ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଫେରାଦ ହେଲେ ସେମାନେ ରହୁଥିବା ଜାଗା କେନାଲ ଜମି, ପଟ୍ଟା ନ ଥିବା ଆଳ ଦେଖାଇ ଫେରାଇ ଦେଉଥିବା ଅଭିଯୋଗ ହୋଇଛି।

ଅନ୍ୟପଟେ ଉକ୍ତ ପଡ଼ାରେ ଅଙ୍ଗନୱାଡ଼ି କେନ୍ଦ୍ର, ଗୋଷ୍ଠୀ କେନ୍ଦ୍ର, ପାଇଖାନା, ରାସ୍ତାଘାଟ କାର୍ଯ୍ୟ ହୋଇ ଆସୁଛି। ସେଠାରେ ଉନ୍ନୟନ କାର୍ଯ୍ୟ ହେଉଥିବାବେଳେ ଗତ ୪/୫ବର୍ଷ ଧରି ସେମାନଙ୍କୁ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସରୁ କାହିଁକି ବଞ୍ଚିତ କରାଯାଉଛି ବୋଲି ପଡାବାସୀ ପ୍ରଶ୍ନ କରିଛନ୍ତି।

# ବିଜ୍ଞାନର ଉପଲବ୍ଧି ପାଇଁ ସ୍ୱପ୍ନ, ସାଧନା ଲୋଡ଼ା


ବିଲେଇସର୍ଡା ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ ବିଜ୍ଞାନ ଦିବସ।

**ବଲାଙ୍ଗୀର ଅଫିସ, ୧।୩**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମଣିଷକୁ ଆଗେଇବାରେ ବିଜ୍ଞାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜ୍ଞାନ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ବକ୍ତବ୍ୟ ରଖି କହିଥିଲେ ଯେ, ବିଜ୍ଞାନର ଉପଲବ୍ଧି ନିମନ୍ତେ ଅର୍ଥ କିମ୍ବା ପୃଷ୍ଠଭୂମିର ବିଶେଷ ଆବଶ୍ୟକତା ନାହିଁ ବରଂ ସ୍ୱପ୍ନ ଓ ସାଧନା ଲୋଡ଼ା। ଏହି ଦୃଷ୍ଟିରୁ ବୈଜ୍ଞାନିକ ସି.ଭି.ରମଣ ସମସ୍ତଙ୍କ ପାଇଁ ଆଦର୍ଶ ବୋଲି କହିବା ସହ ଦୈନନ୍ଦିନ ଜୀବନରେ ବିଜ୍ଞାନର ମହତ୍ତ୍ୱପୂର୍ଣ୍ଣ ଭୂମିକା ବିଷୟରେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୁରୋହିତ ସଭାପତୀୟ ଅଭିଭାଷଣରେ କୋଭିଡ୍-୧୯ ମହାମାରୀ ବେଳେ ବିଜ୍ଞାନର ସୁରକ୍ଷା ପ୍ରଦାୟୀ ଭୂମିକା ଯଥେଷ୍ଟ ସଚେତନ କରିପାରିଛି ବୋଲି କହିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନୂତନତ୍ୱର ସନ୍ଧାନ ପଥରେ ଅଗ୍ରସର ହେବା ପାଇଁ ଶିକ୍ଷକ ରଞ୍ଜିତ ମିଶ୍ର କହିଥିଲେ। ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ଓ ବିଜ୍ଞାନ ପ୍ରଦର୍ଶନୀରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ତରୁଣିମା ବିଶ୍ୱାଳଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା ରଞ୍ଜିତ ମିଶ୍ର କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ରାଜ କୁମାର ପ୍ରଧାନ।

# ଡାଲି ଜାତୀୟ ଫସଲ ବିକ୍ରି ପାଇଁ ବଜାର ସୁବିଧା ନାହିଁ

**କର୍ଲାମୁଣ୍ଡା, ୧।୩ (ଡି.ଏନ.ଏ.)**


ବିଜାପାଟିର ଜଣେ ଚାଷୀ ଖଳାରୁ ଚଣା ସଂଗ୍ରହ କରୁଛନ୍ତି।

**କର୍ଲାମୁଣ୍ଡା ବ୍ଲକ**
**■ଚାଷୀଙ୍କ ଆର୍ଥିକସ୍ଥିତି ସଜାଡୁଛି ଡାଲି ଜାତୀୟ ଫସଲ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଧାନଚାଷ ପରେ ଡାଲି ଜାତୀୟ ଫସଲ ଚାଷ କରି ବେଶ୍ ଦୁଇ ପଇସା ଉପାର୍ଜନ କରି ଲାଭବାନ ହେଉଛନ୍ତି ଚାଷୀ। କିନ୍ତୁ ବ୍ଲକରେ ଡାଲି ଜାତୀୟ ଫସଲ କରି ଜୀବିକା ନିର୍ବାହ କରୁଥିବା ଚାଷୀମାନେ ଉତ୍ପାଦିତ ଶସ୍ୟର ଉଚିତ୍ ମୂଲ୍ୟ ପାଇବାରେ ସମସ୍ୟା ଦେଖାଦେଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ସ.ମାଲପଡା, ରିଞ୍ଜା, କର୍ଲାମୁଣ୍ଡା, ରେଗଡା, ଯୋରାଡବ୍ରା, ସାପଲହରା, ବୋରପଦର, ଗଜବାହାଲ, ତେରେସିଂହା, ରାଜପୁର, ରିଷିଡା, ପୌରକେଲା ଆଦି ପଞ୍ଚାୟତ ଗୁଡିକରେ ମୁଗ, ବିରି, ନାକଚଣା, କୋଳଥ, ମୁସୁରୀ, ଖଡିଆଚଣା ଚାଷ କରି ଏକର ପ୍ରତି ୫ କୁଇଣ୍ଟାଲରୁ ଅଧିକ ଅମଳ କରି ଚାଷୀମାନେ ଲାଭବାନ ହୋଇଥାନ୍ତି। ଚଳିତବର୍ଷ ବ୍ଲକରେ ମୁଗ ୪୫୦୦ ହେକ୍ଟର, ବିରି ୫୫୦ ହେକ୍ଟର, କୋଳଥ ୨୪୦ ହେକ୍ଟର, ଖଡିଆଚଣା ୪୧୦ ହେକ୍ଟର, ମରଟଚଣା ୨୦ ହେକ୍ଟର, ନାକଚଣା ୬୦ ହେକ୍ଟର, ମୁସୁରୀ ୩୦ ହେକ୍ଟର ଡାଲି ଜାତୀୟ ଫସଲ ହୋଇଛି। ଏଥିପାଇଁ ବଜାର ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ପରିଶ୍ରମ କରି ଅମଳ କରୁଥିବା ଡାଲି ଜାତୀୟ ଶସ୍ୟକୁ କମ୍ ଦାମରେ ବିକ୍ରୟ କରୁଥିବା ସିଲେଟପଡା ଗ୍ରାମର ଚାଷୀ ଦ୍ରୋଣ ସାହୁ, ରିଞ୍ଜା ଗ୍ରାମର ଚାଷୀ ଫଗନୁ ସାହୁ, ବିଜାପାଟି ଗ୍ରାମର ଚାଷୀ ଭୂପେନ୍ଦ୍ର ଚୌଧୁରୀ କହିଛନ୍ତି। ଅନ୍ୟପଟେ ଡାଲି ଜାତୀୟ ଫସଲ ଅମଳ ପାଇଁ ପାଣିର ଆବଶ୍ୟକ ବିଶେଷ ନ ଥିବା ଓ ଅଳ୍ପ ଦିନରେ ଅମଳ ହେଉଥିବା ହେତୁ ଚାଷୀମାନେ ଆଗ୍ରହ ସହିତ ଚାଷ କରୁଥିବା ଚାଷୀ କରୁଣା ଭୋଇ କହିଛନ୍ତି।

# ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ

**କେସିଙ୍ଗା, ୧।୩ (ଡି.ଏନ.ଏ.)**

କେସିଙ୍ଗା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ ଏବଂ କର୍ମକର୍ତ୍ତା ନିର୍ବାଚନ ସାଇ ବୃନ୍ଦାବନ ଗାର୍ଡେନ ବୋରିଙ୍ଗପଦରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ମନୋଜ ପାଣିଗ୍ରାହୀ, ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସୁବାଷ ପୁରୋହିତ, ଜୁନାଗଡ ବ୍ଲକ କର୍ମକର୍ତ୍ତା ଶାନ୍ତନୁ ମାଝି, ଯୋଗେଶ୍ୱର ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ନିର୍ବାଚନୀ କାର୍ଯ୍ୟ କରାଯାଇଥିଲା। ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ ବିରେନ ବାଗ, ଅମରେନ୍ଦ୍ର ପଟ୍ଟନାୟକ, ପୂର୍ଣ୍ଣଶଶି ମହାନ୍ତି ଓ ପ୍ରଦ୍ୟୁମ୍ନ ହୋତା। ସଭାପତି ଭାବେ ସୁରେନ୍ଦ୍ର ଦୋରା, ଉପସଭାପତି ଖୁସିରାମ ସାହୁ, ସଭାନେତ୍ରୀ ସୁମିତ୍ରା ଦୀପ, ସମ୍ପାଦକ କୁଶଚନ୍ଦ୍ର ସାହୁ, ସର୍କଲ ସମ୍ପାଦକ ମନୋଜ ପଧାନ, ସରୋଜା ସାହୁ, ପଞ୍ଚାନନ ନାଗ, କୋଷାଧକ୍ଷ ବିନୋଦ ବାଗ ଓ ବ୍ଲକ ସଙ୍ଗଠକ ଭାବେ ଅରୁଣ କୁମାର ପଧାନ ନିର୍ବାଚିତ ହୋଇଥିଲେ। ବୈଠକରେ ବରିଷ୍ଠ ଶିକ୍ଷକ ସନ୍ତୋଷ ବିଶି, ଶେଷଦେବ ମାଝି, ପଞ୍ଚୁନାଥ ପୁଟେଲ, ଗିରିଧାରୀ ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ଦୁର୍ଘଟଣାଗ୍ରସ୍ତ କାରରୁ ୧କୁଇଣ୍ଟାଲ ଗଞ୍ଜେଇ ଜବତ

**ଦେଓଗାଁ, ୧।୩(ଡି.ଏନ.ଏ.)**



ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥ ବଙ୍ଗଳା ନିକଟ ସୋନଗଡ ପୋଲ ଉପରେ ସୋମବାର ସକାଳେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ କାରରୁ ତଲାସୀ ବେଳେ ପୋଲିସ ୧କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ସୂଚନାନୁସାରେ ସୋମବାର ଟିଟିଲାଗଡ ପଟୁ ପ୍ରେସ ଲେଖାଥିବା ଏକ ଧଳାରଙ୍ଗର ସୁଇଫ୍ଟଡିଜାୟାର କାର ଦେଓଗାଁ ନିକଟ ସୋନଗଡ ନଦୀପୋଲ ଉପରେ ଭାରସାମ୍ୟ ହରାଇ ସାମ୍ନାପଟୁ ଆସୁଥିବା ଏକ ଟାଟା ଏସିଇ ଗାଡିକୁ ଧକ୍କାଦେଇଥିଲା। ଦୁର୍ଘଟଣା ପରେ ସୁଇଫ୍ଟରେ ଥିବା ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ଖବରପାଇ ଦେଓଗାଁ ଥାନାଧିକାରୀ ରଞ୍ଜନ କୁମାର ବରିହା, ତଦନ୍ତକାରୀ ଅଧିକାରୀ ଜଗ ସା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉକ୍ତ କାରରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନଜରକୁ ଆସିବା ପରେ ମାଜିଷ୍ଟ୍ରେଟ ଭାବେ ସ୍ଥାନୀୟ ତହସିଲଦାର ନାରାୟଣ ସାହୁଙ୍କ ଉପସ୍ଥିତିରେ ଗାଡିରେ ଥିବା ୮ଟି ପ୍ୟାକେଟରୁ ପ୍ରାୟ ୧କୁଇଣ୍ଟାଲ ୨କେଜି ଗଞ୍ଜେଇ ଜବତ ହୋଇଥିଲା। ଉକ୍ତ କାରରେ ପ୍ରେସ ଲେଖାଥିବା ବେଳେ ନଂ.ଜେଏଚ ୦୫ସିକ୍ୟୁ୪୩୬୫ ଉପରେ ଆଉଗୋଟିଏ ନମ୍ବର ଓଡି୦୨ଏଜି୦୪୫୩ ଲେଖାଥିବା ଦେଖିବାକୁ ମିଳିଥିଲା। ଏ ଦିଗରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପ୍ରେସ ଲେଖାକୁ ହାତବାରିସୀ କରି ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିମାନେ ଚୋରାଚାଲାଣ ଭଳି ଆପରାଧିକ କାର୍ଯ୍ୟ କରୁଥିବା ଅଭିଯୋଗ ଏବେ ଏହିଘଟଣାରୁ ସ୍ପଷ୍ଟ ହୋଇଛି।

# ବଲାଙ୍ଗୀର ବ୍ଲକ ପକ୍ଷରୁ ଗାଁକୁ ଚାଲ ଅଭିଯାନ

**ବଲାଙ୍ଗୀର ଅଫିସ, ୧।୩**


ବଲାଙ୍ଗୀର ବ୍ଲକ୍ ଅଧକ୍ଷ ଗୋଲାପ ବାଗ ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ବ୍ଲକ ପ୍ରଶାସନ ପକ୍ଷରୁ ଚିକଲବାହାଲ ପଞ୍ଚାୟତର ଫଟକରା ଗ୍ରାମରେ ଗାଁକୁ ଚାଲ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଶିବିର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଶିବିରକୁ ବ୍ଲକ ଅଧକ୍ଷ ଗୋଲାପ ବାଗ ଓ ବିଡିଓ ରାମଦତ୍ତ ଭୋଇ ଉଦ୍‌ଘାଟନ କରିଥିଲେ। ଏଠାରେ କୃଷି, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ମିଶନ ଶକ୍ତି, ପାନୀୟ ଜଳଯୋଗାଣ, ଗ୍ରାମ୍ୟ ଗୃହ ନିର୍ମାଣ, ପଶୁ ସମ୍ପଦ, ମତ୍ସ୍ୟ, ଏମ୍‌ଜିଏନ୍‌ଆଇଜିଏ, ସାମାଜିକ ସୁରକ୍ଷା ଓ ରାଜ୍ୟ ବିଭାଗ ପକ୍ଷରୁ ଷ୍ଟଲ ଲଗାଯାଇଥିଲା। ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଜିପିଇଓ, ପିଏ, ଚିକଲବାହାଲ ଓ ଶିବତଲା ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ଲୋକଙ୍କ ସମସ୍ୟା ଓ ଅସୁବିଧା ଶୁଣି ଅଧିକାରୀମାନେ ଲୋକଙ୍କ ଉପଯୁକ୍ତ ପରାମର୍ଶ ଦେଇଥିଲେ। ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, ଘର ନିର୍ମାଣ, ଏମ୍‌ଜିଏନ୍‌ଆରଇଜିଏ ବିଷୟରେ ଲୋକେ ବୁଝିବା ପରେ ଆବେଦନ କରିଥିଲେ। ଏହି ଅବସରରେ ୪ ଜଣ ନୂଆ ହିତାଧିକାରୀଙ୍କୁ ବ୍ଲକ୍ ଅଧକ୍ଷ ବାଗ ଭତ୍ତା ବଣ୍ଟନ କରିଥିଲେ। ପ୍ରତି ମାସର ଶେଷ ସପ୍ତାହରେ ବିଭିନ୍ନ ପଞ୍ଚାୟତର ଗୋଟିଏ ନିର୍ଦ୍ଦିଷ୍ଟ ଗ୍ରାମକୁ ଯାଇ ଏହି କାର୍ଯ୍ୟକ୍ରମ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି ବ୍ଲକ ଅଧକ୍ଷ କହିଥିଲେ।

# ବିନିକା ଏନ୍‌ଏସି ପକ୍ଷରୁ ମାସ୍କ ଚେକିଙ୍ଗ

**ବିନିକା,୧।୩(ଡି.ଏନ୍.ଏ.)**

କରୋନାର ପ୍ରାଦୁର୍ଭାବ ପୁଣି ଥରେ ଦେଖିବାକୁ ମିଳିଲାଣି। ଏହାକୁ ଆଖି ଆଗରେ ରଖି ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ପକ୍ଷରୁ ସ୍ଥାନୀୟ ଥାନା ସମ୍ମୁଖରେ ସୋମବାର ମ୍ୟାସ୍କ ଚେକିଙ୍ଗ ଅଭିଯାନର ଶୁଭାରମ୍ଭ କରାଯାଇଛି। ଆଗକୁ ଏହି ଅଭିଯାନକୁ କଡାକଡି କରାଯିବ ବୋଲି କୁହାଯାଇଛି। ଏନ୍‌ଏସି ସୁପରଭାଇଜର ସନ୍ତୋଷ ବନଛୋରଙ୍କ ସହ ସମସ୍ତ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

# ୨ ଡକାୟତ ଗିରଫ, ଲୁଟ୍ ସାମଗ୍ରୀ ଜବତ

**କୋକସରା, ୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଫାଣ୍ଡି ଅନ୍ତର୍ଗତ ମୋଟେର ଗ୍ରାମର ଶାନ୍ତିନଗରପଡାରେ ଘଟିଥିବା ଡକାୟତି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଜଣ ହେଲେ ବଲାଙ୍ଗୀର ଜିଲା ଟିଟିଲାଗଡର ସୁରଜ କୁମାର ମାଝି ଓ ରାଉରକେଲାର ଦୀପକ ସା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଲୁଟ୍ ହୋଇଥିବା ବୁଲେଟ, ୧୩ ଭରି ସୁନା ଗହଣା, ଏଲିଡି ଟିଭି ଜବତ କରାଯାଇଛି ବୋଲି ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ନାରାୟଣ ନାୟକ ଓ କୋକସରା ଥାନା ଅଧିକାରୀ ବାସୁଦେବ ଛତ୍ରିଆ ସୂଚନା ଦେଇଛନ୍ତି। ସୂଚନା ଯେ, ମୋଟେର ଗ୍ରାମର ଶାନ୍ତିନଗରପଡାର ଶିକ୍ଷକ ଯଜାତି ପାଟଯୋଷୀଙ୍କ ଘରୁ ଗତ ଡିସେମ୍ବର ୨୫ ବିଳମ୍ବିତ ରାତିରେ ବନ୍ଧୁକ ମୁନରେ ଡାକାୟତମାନେ ଆକ୍ରମଣ କରି ୪୦ ଭରି ସୁନା ଗହଣା, ଗୋଟାଏ ବୁଲେଟ ବାଇକ ଓ ଏଲଇଡି ଟିଭି, ଦୁଇ ମୋବାଇଲ ଫୋନ ଲୁଟି ନେଇଥିଲେ। ଏହି ଘଟଣାରେ ପୂର୍ବରୁ କୋକସରା ପୋଲିସ ଭୁବନ ଥାନା ଅଞ୍ଚଳରୁ ବାପିନା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# କରାଟେ ବେଲ୍ଟ ଗ୍ରେଡିଂ ପରୀକ୍ଷା

**ଭବାନୀପାଟଣା, ୧।୩ (ଡି.ଏନ.ଏ.)**

କଳାହାଣ୍ଡି କରାଟେ ସ୍କୁଲ ପକ୍ଷରୁ ବେଲ୍ଟ ଗ୍ରେଡିଂ ପରୀକ୍ଷା ଉଦ୍‌ଯାପିତ ହୋଇଯାଇଛି। ଗିନିଷ ବୁକ ଅଫ୍ ୱାର୍ଲ୍ଡ ରେକର୍ଡ ଦୁଇ ଥର ୱାର୍ଲ୍ଡ ରେକର୍ଡ କରିଥିବା ସତ୍ୟପ୍ରିୟ ପ୍ରଧାନ ଏବଂ ଗୁରୁକୃପା ମାସଲାଡ ଏକାଡେମୀର ଡାଏରେଟର ଓ ଏକଜାମିନର, ସେନସଇ କେଦାର କବାଟ ଓ ଚିପ୍ ଟେକ୍ନିକାଲ ଡାଏରେକ୍ଟର ସେନସାଇ ଜିତୁ ପୃଷ୍ଟି ଓ ସେନସାଇ ବୈଷ୍ଣବ କବାଟ ଏବଂ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ। କଳାହାଣ୍ଡି କରାଟେ ସ୍କୁଲ ପ୍ରତିଷ୍ଠାତା କୃଷ୍ଣ ଚନ୍ଦ୍ର ସାହୁ ତାଙ୍କ ଆନୁକୂଲ୍ୟରେ ବେଲ୍ଟ ଗ୍ରେଡିଂ ଟେଷ୍ଟ ଅନୁଷ୍ଠିତ ହୋଇଥିଲା। ୪୦ରୁ ଊର୍ଦ୍ଧ୍ୱ ପୁଅଝିଅ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫ଜଣ ବ୍ଲାକ ବେଲ୍ଟ ହାସଲ କରିଥିଲେ। ସେମାନେ ହେଉଛନ୍ତି ପଟ୍ଟନାୟକ, ଲୋକେଶରଞ୍ଜନ ନିଆଲ, ପାର୍ଥସାରଥି ରାଉତ, ଆର ନିକେଲେସ, ସୁବ୍ରଜିତ ନାଏକ। ଅନ୍ୟ କଲର ବେଲ୍ଟ ମଧ୍ୟରୁ ୧୨ଜଣ ଇଏଲେ ବେଲ୍ଟ, ୭ଜଣ ଓରେଞ୍ଜ ବେଲ୍ଟ, ଜଣେ ବ୍ଲୁ ଓ ଦୁଇ ଜଣ ବ୍ରାଉନ ବେଲ୍ଟ ପାଇଥିଲେ। କଳାହାଣ୍ଡି କରାଟେ ସ୍କୁଲ ପ୍ରତିଷ୍ଠାତା ଓ କଳାହାଣ୍ଡି କରାଟେ ଆସୋସିଏଶନ ସମ୍ପାଦକ ବେଲ୍ଟ ବିଜୟତାମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ଏବଂ ତାଙ୍କର ଉଜ୍ଜଳ ଭବିଷ୍ୟତ ପାଇଁ କାମନା କରିଥିଲେ।


କରାଟେ ବେଲ୍ଟ ଗ୍ରେଡିଂ ପରୀକ୍ଷାରେ ସାମିଲ ଛାତ୍ରୀଛାତ୍ରମାନେ।

# ଧାନ ବସ୍ତା ରଖି ଧାରଣା ଦେଲେ ଚାଷୀ

**ନୂଆପଡା ଅଫିସ, ୧।୩ (ଡି.ଏନ.ଏ.)**



ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟଗେଟ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି।

**ଟୋକନ ପୁନଃ କାର୍ଯ୍ୟକ୍ଷମ ନେଇ ଜିଲାପାଳ କାର୍ଯ୍ୟାଳୟ ଘେରାଉ**

ନୂଆପଡା ଜିଲାରେ ଚାଷୀଙ୍କ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଗତ ୨୫ ତାରିଖରେ ୪ଦଫା ସମ୍ବଳିତ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରି ୩ ଦିନ ମଧ୍ୟରେ ମଣ୍ଡିରୁ ଧାନ ଉଠାଅ ନ ହେଲେ ମାର୍ଚ୍ଚ ୧ରେ ଜିଲା କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଅଚଳ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ କୌଣସି ସମାଧାନ ନ କରିବାରୁ ସୋମବାର ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲାର ୫ଟି ବ୍ଲକ ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଗେଟ ସମ୍ମୁଖରେ ଧାନବସ୍ତା ରଖି ଧାରଣାରେ ବସିଥିଲେ। ଜିଲାର ୭୯ଟି ଧାନ କ୍ରୟ କେନ୍ଦ୍ରରେ ୩୫୦୦ ଚାଷୀଙ୍କ ପ୍ରାୟ ୧,୮୦,୦୦୦ (ଏକ ଲକ୍ଷ ଅଶି ହଜାର) କୁଇଣ୍ଟାଲ ଧାନର ଟୋକନ ରଦ୍ଦ ହୋଇଯାଇଛି। ଟୋକନର ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି। ସମସ୍ତ ବାତିଲ ଟୋକନ କ୍ରିୟାଶିଳ କରି ଚାଷୀଙ୍କ ଧାନ ତୁରନ୍ତ କିଣିବା, ଚାଷୀଙ୍କଠାରୁ ମଣ୍ଡିରେ ନିଆଯାଇଥିବା ବସ୍ତା (ଗନି ବେଗ)ର ଦାମ ସମସ୍ତ ଚାଷୀଙ୍କ ଟଙ୍କା ପୈଠ କରାଯାଉ ବୋଲି ଦାବି କରିଛନ୍ତି। ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ସନ୍ଧ୍ୟାରେ ପ୍ରମୁଖ ଚାଷୀମାନଙ୍କୁ ଡାକି ଆଲୋଚନା କରି ବ୍ୟାବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ୪ ଘଣ୍ଟା ମୁଖ୍ୟଗେଟ ଦୁଇଟା ବନ୍ଦ ଥିବାରୁ ଅଧିକାରୀମାନଙ୍କୁ ଆସିବାରେ ଅସୁଧା ହେଇଥିଲା। ଧାରଣାରେ ସଂଗ୍ରାମ ପରିଷଦ ଆବାହକ ପାଣିଗ୍ରାହୀଙ୍କ ସମେତ ବସନ୍ତ ସିଂ ଠାକୁର, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଅଭିନ୍ନ ପୁରୋହିତ, ପ୍ରବୀଣ ଭୋଇ, ଶଙ୍କର ଅହୀର, ସନ୍ତରାମ ଅହୀର, ସନ୍ତୋଷ ଚନ୍ଦ୍ରକାର, ଭକ୍ତବନ୍ଧୁ ଧରୁଆ, ଖେମରାଜ ଯାଦବ, ଭୂପନ ଲାଲ ସାହୁ, ପୁରୁଷୋତମ ସାହୁ, ଛପନ ଲାଲ ସାହୁ, ମନୋଜ ସାହୁ, ମହେଶ ଚନ୍ଦ୍ରକାର, ଦୀପକ ଚନ୍ଦ୍ରକାର, ଗୌର ବିଭାର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯେ, ଗତ କିଛିଦିନ ତଳେ ସିନାପାଲି ବ୍ଲକ ଧିଙ୍ଗିଆମୁଣ୍ଡା ଗାଁର ଚାଷୀ ରୋମାଞ୍ଚଳ ଦଣ୍ଡସେନାଙ୍କ ଟୋକନ ଲାପ୍ସ ହେବାରୁ ନିରାଶ ହୋଇ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରି ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ସେହିପରି କୋମନା ବ୍ଲକ ପୋଏଁର ଗାଁର ଉଜ୍ଜ୍ୱଳ ଶବର ଦୁଇ ମାସ କାଳ ମଣ୍ଡିରେ ଦିନରାତି ଜଗି ଧାନ ବିକ୍ରି ହୋଇ ନ ପାରି ରୋଗଗ୍ରସ୍ତ ହୋଇ ମୃତ୍ୟୁ ବରଣ କରିଛନ୍ତି।

## ପାରିଶ୍ରମିକ ଦାବିରେ ଫେରାଦ

ବରଗଡ଼ ଅଫିସ୍: ଓଡ଼ିଶା ଜୀବିକା ମିଶନ ତରଫରୁ ସିଆର୍‌ପି ଭାବେ ନିଯୁକ୍ତି ପାଇ କାର୍ଯ୍ୟ କରିଥିବା ମହିଳାଙ୍କୁ ଦୀର୍ଘ ୮ମାସ ହେଲା ପାରିଶ୍ରମିକ ଦିଆଯାଇନାହିଁ। ଏଭଳି ଅଭିଯୋଗ ନେଇ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କୁମ୍ଭୋ, ରୁଚିଦା, କଣ୍ଡପଲା, କପାଶିରା ପଞ୍ଚାୟତରେ ଓଡ଼ିଶା ଜୀବିକା ମିଶନର ସିଆରପି ଭାବେ କାର୍ଯ୍ୟରତ ମହିଳାମାନେ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏ ନେଇ ସେମାନେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବିଜୟା ପ୍ରଧାନ, ଟିକେଶ୍ୱରୀ ବେହେରା, ପଦ୍ମିନୀ ପ୍ରଧାନ, ଭାରତୀ ପ୍ରଧାନ, ଡିଲେଶ୍ୱରୀ ଛତର ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ଅସୁରକ୍ଷିତ ଚୌହାନ ବଂଶର କୀର୍ତ୍ତିରାଜି

ସୋନପୁର, ୧।୩(ନି.ପ୍ର.)

ଐତିହାସିକ ଓ ସଂସ୍କୃତିସମ୍ପନ୍ନ ସହର ସୁବର୍ଣ୍ଣପୁରରେ ଥିବା ଚୌହାନ ବଂଶର ଶେଷ କୀର୍ତ୍ତିରାଜି ଅସୁରକ୍ଷିତ। ମହାନଦୀ କୂଳରେ ଥିବା ଏହି ରାଜପ୍ରାସାଦ ଏବେ ନିଶ୍ଚିହ୍ନ ହେବାକୁ ବସିଛି। ଯେଉଁ ପ୍ରାସାଦ ସମଗ୍ର ସୋନପୁର ଗଡଜାତକୁ ଦିନେ ଶାସନ କରୁଥିଲା, ଏବେ ସେହି ଜରାଜୀର୍ଣ୍ଣ ପ୍ରାସାଦ ନିଜ ଅସ୍ତିତ୍ୱର ସୁରକ୍ଷା ମାଗୁଛି। ମାତ୍ର ସରକାରଙ୍କର ଏଥିପ୍ରତି ଦୃଷ୍ଟିନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଗତ ଅଗଷ୍ଟ ମାସରେ ରାଜପ୍ରାସାଦର ମୁଖଶାଳା ଭାଙ୍ଗି ମାଟିରେ ମିଶିଛି।

ପ୍ରାୟ ଅଢେଇ ଏକର ପରିମିତ ଜମିରେ ନିର୍ମିତ ହୋଇଛି ଏହି ପୁରାତନ ରାଜପ୍ରାସାଦ। ଚୌହାନ ରାଜା ମଦନ ଗୋପାଳ ସିଂହଦେଓ ପୁରୁଣା ରାଜ ଉଆସକୁ ନୂତନ ରୂପ ଦେଇଥିଲେ। ୧୬୩୫ ମସିହାରେ ଭାଇ ଭାଗ ସ୍ୱରୂପ ସୋନପୁର ଗଡଜାତ ରାଜ୍ୟ ମଦନ ଗୋପାଳ ପାଇବା ପରେ ସମ୍ବଲପୁରରୁ ଆସି ଏଠାରେ ଶାସନ କରିଥିଲେ। ତାଙ୍କ ପରେ ୧୨ଜଣ ଶାସକ ଏଠାରେ ରହି ଗଡଜାତକୁ ଶାସନ କରିଥିବାର ଜଣାପଡେ। ଏହି ରାଜ ଉଆସରେ ରହିଥିଲା ଅତି ଆଧୁନିକ ବାଦଲ ମହଲ, ରାଣୀ ଉଆସ, ରାଣୀ ଅନ୍ତପୁର, ଯୁବରାଜ ଅସ୍ତ୍ରାଗାର, କୋଷାଗାର, ପୌର ପରିଷଦ, କଚେରି ଓ ରାଜସ୍ୱ କାର୍ଯ୍ୟାଳୟ। ରାଜପ୍ରାସାଦ ପକ୍ଷରୁ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ ଓ ପରିପୁଷ୍ଟ କରିବା ପାଇଁ ବହୁ ଭାଷା ସାହିତ୍ୟ ସେତେବେଳେ ପ୍ରକାଶ ପାଇଥିଲା। ଦରବାରରେ ଆଇନ, ସାହିତ୍ୟ ଚର୍ଚ୍ଚା ହେଉଥିଲା। ଏହି ରାଜପ୍ରାସାଦରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏକାଧିକ ଥର ରହିଥିଲେ। ମହାରାଜା ବୀରମିତ୍ର ସିଂହଦେଓଙ୍କ ଦ୍ୱାରା କଲିକତା ବିଶ୍ୱବିଦ୍ୟାଳୟ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ହୋଇ ପାରିଥିଲା। ବୀରମିତ୍ର ପୁରୀ ଶ୍ରୀମନ୍ଦିରର ଜଗନ୍ନାଥଙ୍କ ମୁକ୍ତିମଣ୍ଡପର ପୁନଃ ନିର୍ମାଣ ମଧ୍ୟ କରିଥିଲେ। ରାଜପ୍ରାସାଦଟି ଇତିହାସ ଓ ସଂସ୍କୃତିର ପ୍ରାଣ କେନ୍ଦ୍ରଥିଲା। କିନ୍ତୁ


ଭଗ୍ନ ଅବସ୍ଥାରେ ଥିବା ସୋନପୁର ରାଜପ୍ରାସାଦ।

### ସରକାରଙ୍କ ଦୃଷ୍ଟି ନାହିଁ

ଚୌହାନ ରାଜାଙ୍କ ସନ୍ତକ ଏହି ପୁରାତନ ରାଜପ୍ରାସାଦଟି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପ୍ରତିଦିନ ଇଟା ଓ କଂକ୍ରିଟ ଖଣ୍ଡ ଖସୁଛି। ଏହି ଐତିହାସିକ କୀର୍ତ୍ତିରାଜିକୁ ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ଉଦ୍ୟମ ହୋଇନି। ଅଞ୍ଚଳବାସୀଙ୍କ ଦାବିକୁ ସରକାର କର୍ଣ୍ଣପାତ କରୁନାହାନ୍ତି। କେତେବେଳେ ଯେ ଏହା ସମ୍ପୂର୍ଣ୍ଣ ଭୁଶୁଡି ପଡିବ ସେ ନେଇ ଭଗ୍ନ ପ୍ରାସାଦ ପାର୍ଶ୍ୱରେ ରହୁଥିବା ଅଧିବାସୀ ସବୁବେଳେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଭଗ୍ନ ପ୍ରାସାଦ ପାର୍ଶ୍ୱରେ ନୂତନ ଭାବେ ଏକ ଦୁର୍ଗାମନ୍ଦିର ନିର୍ମିତ ହୋଇଛି। ସମ୍ମୁଖରେ ପୁରାତନ ଗୋପାଳଜୀ ମନ୍ଦିର ଅବସ୍ଥିତ। ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ଦେବୀ ଦୁର୍ଗା ଓ ଗୋପାଳଜୀଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି। ତେଣୁ ମରାମତି ନ ହେଲା ନାହିଁ କୌଣସି ଦୁର୍ଘଟଣା ପୂର୍ବରୁ ଅସୁରକ୍ଷିତ ଅବସ୍ଥାରେ ଥିବା ରାଜପ୍ରାସାଦର କୋଠାକୁ ପ୍ରଶାସନ ଭାଙ୍ଗିବାକୁ ସହରବାସୀ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ୬ ମାସ ହେଲା ନଳକୂପ ଅଚଳ



ଜହ୍ନାପଙ୍କ, ୧।୩ (ଡି.ଏନ.ଏ): ବୌଦ୍ଧ ବ୍ଲକ ତେଲିବନ୍ଧ ଗ୍ରାମର ହାତପଦାଠାରେ ଥିବା ନଳକୂପ ୬ ମାସରୁ ଉର୍ଦ୍ଧ୍ୱ ହେଲା ଅଚଳ ହୋଇପଡିଛି। ଏହାକୁ ମରାମତି କରିବା ପାଇଁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଶନିବାର ଏଠାରେ ସାପ୍ତାହିକ ହାଟ ବସେ। ବର୍ଷର ଅଧିକାଂଶ ସମୟରେ ଏହା ଖରାପ ରହୁଥିବାରୁ ହାଟକୁ ଆସୁଥିବା ବ୍ୟବସାୟୀ ଓ ଗ୍ରାହକମାନେ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବାଟ ଦେଇ ଯାଉଥିବା ପଥିକମାନେ ମଧ ପାଣି ପାଇଁ ତହକବିକଳ ହେଉଛନ୍ତି। ଆଗକୁ ତାତି ବଢିବାକୁ ଥିବାବେଳେ ତୁରନ୍ତ ନଳକୂପ ମରାମତି କରିବାକୁ ଦାବି ହେଉଛି।

### ଓଷ୍ଟା କର୍ମକର୍ତ୍ତାଙ୍କ ବୈଠକ

ଅତାବିରା, ୧।୩ (ଡି.ଏନ.ଏ.): ବରଗଡ ଜିଲା ଅତାବିରା ବ୍ଲକ ଓଷ୍ଟାର ନବନିର୍ବାଚିତ କର୍ମକର୍ତ୍ତାଙ୍କ ପ୍ରଥମ ବୈଠକ ଅତାବିରା ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ଅତାବିରା ସଂଘ ସଭାପତି ଯାଦବ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଓଷ୍ଟା ଉପସଭାପତି ଅନସୂୟା ଦେବତା, ସମ୍ପାଦକ ଓକିଲ ପ୍ରଧାନ, ଯୁଗ୍ମ ସମ୍ପାଦକ ସୁନୀଲ ଶତପଥୀ, ସୁରମା ନାଏକ, ବାଳ ମୁକୁନ୍ଦ ସାହୁ, ପୁରନ୍ଦର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସଂଘ ପାଇଁ ସଭ୍ୟ ସଂଗ୍ରହ, ସଂଘର ସୁଦୃଢ଼ୀକରଣ, ବିଦ୍ୟାଳୟଗୁଡିକରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଡିଗ୍ରୀଧର ଧନ୍ୟବାଦଦେଇଥିଲେ।

### କୋସଲ ସେନାର ବୈଠକ

ଲୋଇସିଂହା, ୧।୩(ଡି.ଏନ.ଏ.) ଲୋଇସିଂହାଠାରେ ବଲାଙ୍ଗୀର କୋସଲ ସେନାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୌସ୍ତୁବ ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ କୋସଲ ସେନା ସଦସ୍ୟ ଅଂଶଗ୍ରହଣ କରିଥିଲେ। ସେନାକୁ ଜିଲାର ପ୍ରତ୍ୟେକ ପଞ୍ଚାୟତସ୍ତରେ ପରିବର୍ଦ୍ଧିତ କରାଯାଇ ପାରିବ ସେ ଉପରେ ଆଲୋଚନା ହୋଇଥିଲା। ଅଞ୍ଚଳର ସାମୂହିକ ଓ ଅସହାୟ ଲୋକଙ୍କ ବ୍ୟକ୍ତିଗତ ସମସ୍ୟାକୁ ପ୍ରଶାସନ ଦୃଷ୍ଟିକୁ ଆଣିବା ଦିଗରେ ସଦସ୍ୟମାନେ ଯତ୍ନବାନ ହେବାକୁ ବୈଠକରେ କୁହାଯାଇଥିଲା। ଏଥି ସହିତ ପଶ୍ଚିମ ଓଡିଶା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ବରଦାସ୍ତ କରାଯିବ ନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଲୋଇସିଂହା ଏନଏସି ପ୍ରତି ରାଜ୍ୟ ସରକାର ଶୀଘ୍ର ପଦକ୍ଷେପ ନିଅନ୍ତୁ ବୋଲି ବୈଠକରେ ଦାବି କରାଯାଇଥିଲା।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଅତାବିରା, ୧।୩ (ଡି.ଏନ.ଏ.): ଅତାବିରା ବ୍ଲକ ଲରମ୍ବା ମହାବିଦ୍ୟାଳୟରେ ୧୯୯୧ ଯୁକ୍ତ ୨ ଓ ୧୯୯୪ ଯୁକ୍ତ ୩ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ସରୋଜ କୁମାର ସୁଆର ମୁଖ୍ୟଅତିଥି, ଡ. ସନ୍ତୋଷ କୁମାର ନାଏକ, ଡ. ନେପାଳ ପ୍ରଧାନ, ଡ. ପ୍ରମୋଦ କୁମାର ଭୋଇ, ଦୟାସାଗର ସାହୁ, ସୁବାସ ପୂଜାରୀ, ରମଣୀ ରଞ୍ଜନ ସାହୁ, ଅଧାପକ ମନୋରଞ୍ଜନ ତ୍ରିପାଠୀ, ମକରଧ୍ୱଜ କର୍ଣ୍ଣ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅଧାପକ ପବିତ୍ର ମୋହନ ମହାରଣା। ଏହି ବନ୍ଧୁମିଳନରେ ୬୪ଟି ପରିବାର ଯୋଗ ଦେଇଥିଲେ। ଶେଷରେ ସଦାନନ୍ଦ ଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ମାଘମେଳା ଉଦ୍‌ଯାପିତ

ଝାରବନ୍ଧ, ୧।୩ (ଡି.ଏନ.ଏ.): ଝାରବନ୍ଧ ବ୍ଲକ ବିଳାସପୁର ଗ୍ରାମପଞ୍ଚାୟତର ଭଣ୍ଡାରଯୋରୀ ସ୍ଥିତ ସିଧାବାବା ପୀଠରେ ମାଘମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ମେଳାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମେଳାରେ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ସାଧୁ ନରସିଂ ଦାସ, ବୌଦ୍ଧଭିକ୍ଷୁ ହିମାଦ୍ରି, ଯୁବନେତା ଭୋଜରାଜ ସିଂ ବରିହା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦିଲୀପ ବରିହା ଓ ସ୍ତ୍ରୀ ସମାରୀ ବରିହା ଯଜ୍ଞକର୍ତ୍ତା ଥିଲେ। ପୂଜକ ଗୋକୁଳାନନ୍ଦ ପଣ୍ଡା ଓ ଭକ୍ତଚରଣ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସରପଞ୍ଚ ଚୈତରାମ ନାଏକ, ରାଜେନ୍ଦ୍ର ପଟେଲ, ଡୋଲାମଣି ମାଝି, ଚକ୍ରଧର ସଗର, କମଳ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ବିବାହ ପୂର୍ବରୁ ବର ଗିରଫ

ସୋନପୁର, ୧।୩(ନି.ପ୍ର.)

ବିବାହ ପାଇଁ ବରବେଶରେ ସୋନପୁରକୁ ଆସି ଗିରଫ ହୋଇଛନ୍ତି ନୟାଗଡ ଜିଲା ଇଛାପୁର(ଅନଖାପାଲି) ଅଞ୍ଚଳର ଅମଜାଦ ଖାଁ(୨୮)। ବିବାହ ପୂର୍ବରୁ ତାଙ୍କୁ ନୟାଗଡ ଜିଲା ବୋଲଗଡ ପୋଲିସ ସୋମବାର ଗିରଫ କରିଛି। ସେ ହତ୍ୟା ଉଦ୍ୟମ ମାମଲାରେ ଜଣେ ଅଭିଯୁକ୍ତ। ତାଙ୍କ ନାମରେ ବୋଲଗଡ ଥାନାରେ ଏକ ମାମଲା(ନଂ. ୧୫/୨୧) ରୁଜୁ ହୋଇଛି। ବର ବେଶରେ ଅଭିଯୁକ୍ତ ଗିରଫ ହେବା ଘଟଣା ସୋନପୁରରେ ଚର୍ଚ୍ଚାର ବିଷୟ ପାଲଟିଛି। ବୋଲଗଡ ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅମଜାଦଙ୍କ ସମେତ ୪ ଜଣ ନାମରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଗିରଫ ହୋଇ ଜେଲରେ ଥିବା ବେଳେ ଅମଜାଦ୍‌ଙ୍କ ସମେତ ଅନ୍ୟ ୩ ଅଭିଯୁକ୍ତ ଫେରାରଥିଲେ। ଅମଜାଦ୍ ସୋନପୁର ସହର ଝୁପୁଡିପଡାର ଜନୈକା ୨୧ବର୍ଷୀୟା ଯୁବତୀଙ୍କୁ ସୋମବାର ଦ୍ୱିତୀୟ ବିବାହ କରିବ ବୋଲି ବୋଲଗଡ ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଅମଜାଦ୍ ବର ବେଶରେ ଆସି ଝୁପୁଡିପଡାସ୍ଥିତ କନ୍ୟା ଘରେ ପହଞ୍ଚିଥିଲେ। ମାମଲାର ତଦନ୍ତକାରୀ ଅଧିକାରୀ ତଥା ବୋଲଗଡ ଥାନାର ଏସଆଇ ପବିତ୍ର ମୋହନ ପ୍ରଧାନ, ସୋନପୁର ପୋଲିସ ସହାୟତାରେ ତାଙ୍କୁ ଗିରଫ କରିଛନ୍ତି। ଅମ୍‌ଜାଦଙ୍କୁ ପୋଲିସ ବୋଲଗଡ ନେବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

## ତହସିଲଦାରଙ୍କୁ ଆଦିବାସୀ ସଂଘର ଦାବିପତ୍ର


ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଦେଓଗାଁ, ୧।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ବହୁ ସଂଖ୍ୟାରେ ଭୂମିହୀନ ରହିଛନ୍ତି। ରାଜସ୍ୱ ବିଭାଗ ସେମାନଙ୍କୁ ଜମି ପ୍ରଦାନ କରୁଛି। ହେଲେ ଏଥିରେ କେତେକ ସ୍ଥାନରେ ଅନିୟମିତତା ହେଉଛି। ଫଳରେ ପ୍ରକୃତ ଭୂମିହୀନ ଜମି ପାଇବାରୁ ବଞ୍ଚିତ ରହିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ସେମାନଙ୍କୁ ଜମି ପ୍ରଦାନ କରିବାକୁ ସୋମବାର ଦାବି କରିଛି ବ୍ଲକ ଆଦିବାସୀ କଲ୍ୟାଣ ସଂଘ। ସଂଘ ସଭାପତି ସୁଦାମ ଚରଣ ଭୋଇ, ସମ୍ପାଦକ ସୁରଥ ଧରୁଆଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଏ ସମ୍ପର୍କରେ ତହସିଲଦାର ନାରାୟଣ ସାହୁଙ୍କୁ ଭେଟି ଲିଖିତଭାବେ ଜଣାଇଛନ୍ତି। ସଂଘ ଅଭିଯୋଗ ଅନୁସାରେ ଅର୍ଜୁନପୁର ସର୍କଲ ଖଗସିକନାରେ ଏପରି କେତେକଙ୍କୁ ୪ଡିସିମିଲ ଲେଖାଏ ଜମି ମିଳିଛି, ଯେଉଁମାନଙ୍କର ପୈତୃକ ସମ୍ପତ୍ତି ଅଛି। ଏବେ ସେମାନଙ୍କ ଜମି ଚିହ୍ନଟ ପାଇଁ ପ୍ରଶାସନ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିସହ ୫୦ବର୍ଷରୁ ଉର୍ଦ୍ଧ୍ୱ ହେଲା ଆଦିବାସୀମାନଙ୍କ ଅଧିନରେ ଥିବା ଜମିକୁ କାହାରିକୁ ଆବଣ୍ଟିତ କରା ନ ଯାଉ ବୋଲି ସଂଘ ଦାବି କରିଛି। ଏଥିରେ ବ୍ୟତିକ୍ରମ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ସାହୁ କହିଛନ୍ତି।

## ଲକ୍ଷେ ଘର ଗଣ୍ଡା ସମାଜର ନୂଆ କର୍ମକର୍ତ୍ତା


ବୈଠକରେ ଉପସ୍ଥିତ ଗଣ୍ଡା ସମାଜର କର୍ମକର୍ତ୍ତା।

ପାଇକମାଳ, ୧।୩ (ଡି.ଏନ.ଏ)

ପାଇକମାଳ ବ୍ଲକ ଜାମସେଠରେ ଲକ୍ଷେ ଘର ଗଣ୍ଡା ସମାଜର ଜୋନ୍ ସ୍ତରୀୟ ବୈଠକ ସୋମବାର ସାମାଜିକ କର୍ମୀ ଶରତ ଚନ୍ଦ୍ର ତାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାମସେଠ, ଝିଟିକି, କାଂସଡା, ମାଣ୍ଡୋସିଲ, ବରତୁଣ୍ଡା, ଛିନ୍ଦେଇକେଲା, ଝାରବନ୍ଧ ପଞ୍ଚାୟତର ଲକ୍ଷେ ଘର ଗଣ୍ଡା ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଚୟନ ହେବା ସହ ଜୋନ ସ୍ତରୀୟ ୧୫ ଜଣିଆ କମିଟି ଗଠନ କରାଯାଇଥିଲା। ଶରତ ଚନ୍ଦ୍ର ତାଣ୍ଡି ଜୋନ ସଭାପତି, ଦୁଃଶାସନ କୁମ୍ଭାର ଉପସଭାପତି, ଗଣେଷ ସୁନା ସମ୍ପାଦକ, ଲଳିତ ଜଗତ ସହ ସମ୍ପାଦକ, ଭକ୍ତ ଚରଣ ତାଣ୍ଡି କୋଷାଧକ୍ଷ, ଗୋବିନ୍ଦ ସୁନା ସହ କୋଷାଧକ୍ଷ ଭାବେ ଚୟନ ହୋଇଥିଲେ। ଯୋଗୀନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କଲେ।

## ଅନୁଦାନ ଅଛି, ନିର୍ମାଣ ହେଉନି ଅଙ୍ଗନୱାଡି କୋଠା

ଦେଓଗାଁ, ୧।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଅଙ୍ଗନୱାଡି କୋଠା ନିର୍ମାଣରେ ଅବହେଳା ପ୍ରଦର୍ଶନ କରାଯାଉଛି। ଏଥିସହ ପ୍ରିସ୍କୁଲ କରୁଥିବା କୋମଳମତି ଶିଶୁଙ୍କୁ ଜୋତା ଓ ମୋଜା ପ୍ରଦାନ କରାଯାଉ ନାହିଁ। ଏଭଳି ଅଭିଯୋଗ କରି ସୋମବାର ବ୍ଲକ ଲୋକଉନ୍ନତି ସଂଗଠନ ତରଫରୁ ସିଡିପିଓ ଜୟନ୍ତୀ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ଅଭିଯୋଗ ଅନୁସାରେ ଗୌରଗୋଠ ପଞ୍ଚାୟତ ମୁଖ୍ୟାଳୟରେ ୪ଟି କେନ୍ଦ୍ର ରହିଛି। କ ଓ ଗ କେନ୍ଦ୍ରର ନିଜସ୍ୱ କୋଠା ଅଛି। ହେଲେ ଖ କେନ୍ଦ୍ରକୁ ସରକାର ବିପଦପୂର୍ଣ୍ଣ ଘୋଷଣା କରିବା ପରେ ୮ବର୍ଷ ତଳେ ଉକ୍ତ କୋଠାକୁ ଭଙ୍ଗାଯାଇଥିଲା। ଫଳରେ କେତେକ ଅସାଧୁ ବ୍ୟକ୍ତି ଉକ୍ତ ଯାଗାକୁ ଦଖଲ କରିଛନ୍ତି। ସେହିପରି ଘ କେନ୍ଦ୍ରର ନିଜସ୍ୱ ଜାଗା ନ ଥିବାରୁ କୋଠା ନିର୍ମାଣ ହୋଇପାରୁ ନାହିଁ। ଏ ନେଇ ସରପଞ୍ଚଙ୍କଠୁ ଆରମ୍ଭ କରି ଶିଶୁବିକାଶ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଟ୍ୱିଟମାଧମରେ ଅବଗତ କରିଥିଲେ ମଧ କୌଣସୀ ସୁଫଳ ମିଳିନାହିଁ। କୋଠା ଅଭାବରୁ କରୋନା କଟକଣା ସତ୍ତ୍ୱେ ଖ ଓ ଗ କେନ୍ଦ୍ରରେ ୪ଟି କେନ୍ଦ୍ରର ସମସ୍ତ ୯୦ ଜଣ ଶିଶୁଙ୍କୁ ଗୋଟିଏ ଶ୍ରେଣୀରେ ପାଠ ପଢ଼ାଉଛନ୍ତି। ଏଥିରୁ କୋଭିଡି ନିୟମ କିଭଳି ପାଳନ ହେଉଛି ତାହା ଅନୁମେୟ ବୋଲି ସଂଗଠନ ପ୍ରଶ୍ନ କରିଛି। ଏ ପର୍ଯ୍ୟନ୍ତ ପ୍ରିସ୍କୁଲ କରୁଥିବା କୋମଳମତି ଶିଶୁଙ୍କୁ କଳା ରଙ୍ଗର ହଳେ ଲେଖାଏ ଜୋତା ଓ ୨ହଳ ଲେଖାଏ ମୋଜା ବଣ୍ଟନ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ସିଡିପିଓ ଜୟନ୍ତୀ ସ୍ୱାଇଁଙ୍କୁ ପଚାରିବାରୁ କୋଠା ନିର୍ମାଣ ପାଇଁ ଅନେକ ଦିନରୁ ଟଙ୍କା ଆସିଛି। ତହସିଲଦାର ସ୍ଥାନ ନିରୂପଣ କଲେ କୋଠା ଆରମ୍ଭ ହୋଇପାରିବ। ଜୋତା ଓ ମୋଜା ବଣ୍ଟନ ପାଇଁ ଅଙ୍ଗନୱାଡି କର୍ମୀମାନଙ୍କୁ ଟଙ୍କା ଦିଆଯାଇଛି। ଯେଉଁ କେନ୍ଦ୍ରମାନଙ୍କରେ ବଣ୍ଟନ ହୋଇନାହିଁ ତଦନ୍ତକରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।


ଲୋକଉନ୍ନତି ସଙ୍ଗଠନ ପକ୍ଷରୁ ସିଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଗୋଟିଏ ଗୃହରେ ବସୁଛନ୍ତି ୪କେନ୍ଦ୍ରର ଶିଶୁ

- ଶିଶୁଙ୍କୁ ଜୋତା ପ୍ରଦାନରେ ଅବହେଳା
- ସିଡିପିଓଙ୍କୁ ଦାବିପତ୍ର ପ୍ରଦାନ

## ଦୁଗ୍ଧ ଉତ୍ପାଦନ ଉପରେ ଗୁରୁତ୍ୱ

ଅତାବିରା, ୧।୩ (ଡି.ଏନ.ଏ)

ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସମବାୟ ସଂଘ ସମ୍ବଲପୁର ଅଧୀନ ଗର୍ଭଣା ଶୀତଳ କେନ୍ଦ୍ର ପରିସରରେ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ସମ୍ପାଦକଙ୍କ ଏକ ସାଧାରଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓମ୍‌ଫେଡ ପରିଚାଳିତ ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ସମବାୟ ସଂଘର ସାଧାରଣ ପରିଚାଳକ ନଗେନ୍ଦ୍ର କୁମାର ମିଶ୍ର, ଚିପିଲିମା ଅଞ୍ଚଳ ଭାରପ୍ରାପ୍ତ ଅଧିକାରୀ ତଥା ତାଲିମ ଅଧିକାରୀ ଡ. ସଞ୍ଜୀବ କୁମାର ଶତପଥୀ, ଗୋଡଭଗା ଦୁଗ୍ଧମାର୍ଗର କ୍ଷେତ୍ର ପରିଦର୍ଶକ ସନ୍ତୋଷ କୁମାର ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଚାଷୀମାନେ ସମିତିଗୁଡିକରୁ ଗୋଖାଦ୍ୟ, ଧାତବ ଲବଣ କ୍ରୟ କରି ନେଇ ଦୁଗ୍ଧଆଳି ଗାଈଙ୍କୁ ଖୁଆଇଲେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ହେବ। ଏଣିକି ୨ ମାସରେ ଥରେ ସମ୍ପାଦକମାନଙ୍କ ବୈଠକ କରାଯିବ। ସମସ୍ତ ଦୁଗ୍ଧ ମାର୍ଗର ଅଗ୍ରଣୀ ଚାଷୀମାନଙ୍କୁ ବୈଠକରେ ସାମିଲ କରାଯିବା ସହିତ ସମସ୍ୟା ବୁଝିବା ପାଇଁ ସୁଯୋଗ ଦିଆଯିବ ବୋଲି ଜିଏମ୍ ମିଶ୍ର କହିଥିଲେ। ଗୋଡଭଗା, କୁମେଲସିଂହା, ଲରମ୍ବା, ପୋଡବାଡି, କାଦୋବାହାଲ, ଉଦେପୁର, ମାନପୁର ଆଦି ଦୁଗ୍ଧ ଉତ୍ପାଦକ ସମିତିର ସମ୍ପାଦକମାନେ ଯୋଗ ଦେଇଥିଲେ।

## ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଜିଲା ପ୍ରଶାସନ

ଲୋଇସିଂହା, ୧।୩ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ପ୍ରସ୍ତାବିତ ଏନଏସିକୁ ମାନ୍ୟତା ଦାବିରେ ଆଞ୍ଚଳିକ ବିକାଶ ପରିଷଦ ଆହ୍ୱାନକ୍ରମେ ବ୍ଲକ ଅଫିସ ଆଗରେ ଗତ ବୁଧବାରଠାରୁ ଗଣଧାରଣା ଚାଲିଛି। ସୋମବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ରାମଚନ୍ଦ୍ର ଖାଡିଆ ଓ ଅତିରିକ୍ତ ତହସିଲଦାର ଅଶୋକ କୁମାର ମିଶ୍ର ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦେଇଥିବା ପ୍ରସ୍ତାବିତ ପ୍ରଦାନ କରିବା ସହ ଧାରଣାରୁ ଓହରିଯିବାକୁ ଅଧିକାରୀଦ୍ୱୟ କହିଥିଲେ। ହେଲେ ଘୋଷଣା ଚଳିବ ନାହିଁ, ମାନ୍ୟତା ଦିଆଯାଉ ବୋଲି ଆନ୍ଦୋଳନକାରୀ ଦାବି କରିଥିଲେ। ରାଜ୍ୟ ସରକାର ଏକ ସପ୍ତାହ ମଧ୍ୟରେ ଘୋଷଣା କରିବାକୁ ପ୍ରଶାସନ ଜରିଆରେ ଅନୁରୋଧ କରାଯାଇଛି। ଆଞ୍ଚଳିକ ବିକାଶ ପରିଷଦ ଆବାହକ ସରୋଜକୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଧାରଣା ଜାରି ରହିଛି। ସେମାବାର ଧାରଣାରେ ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ଲୋଇସିଂହା ସରପଞ୍ଚ ସୁନୀଲ ଅଗ୍ରୱାଲ ସାମିଲ ହୋଇଥିଲେ। ସେ କହିଥିଲେ ଏନଏସି ପାଇ ଜିଲା ପ୍ରଶାସନ ପକ୍ଷରୁ ମଗା ଯାଇଥିବା ଦସ୍ତାବିଜ ଲୋଇସିଂହା ଓ ବୁର୍ଡା ପଞ୍ଚାୟତର ସରପଞ୍ଚ ଦାଖଲ କରିଛନ୍ତି। ଏଣୁ ଜିଲାପାଳ ଧାରଣାସ୍ଥଳକୁ ଆସି ଏନଏସି ସ୍ଥାତାବସ୍ଥା ସମ୍ପର୍କରେ ଜଣାଇଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ। ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁ ବିକାଶ ପରିଷଦ ସହ ରହିଥିବା କହିଥିଲେ। ଶନିବାର ବିଧାନସଭାରେ ଲୋଇସିଂହା ଏନଏସି ପ୍ରସଙ୍ଗ ଉଠିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଆନ୍ଦୋଳନକାରୀ ସହ ପ୍ରଶାସନ ଅଧିକାରୀ ଆଲୋଚନା କରିଥିବା କୁହାଯାଉଛି।



ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ଲୋଇସିଂହାକୁ ଏନଏସି ମାନ୍ୟତା ଦାବି

## କାର୍ ଧକ୍କାରେ ଜଣେ ମୃତ


ଧକ୍କା ଦେଇଥିବା କାର୍।

ବୌଦ୍ଧ, ୧।୩(ସ୍ୱ.ପ୍ର)

ବୌଦ୍ଧ ଜିଲା ବୀରନରସିଂହପୁର ଠାରେ ସୋମବାର କାର୍ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବୀରନରସିଂହପୁର ଗ୍ରାମର ନବୀନ ପ୍ରଧାନ (୫୫)। ସେ ସୋମବାର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିଲେ। ଦିନ ୧୧ଟା ବେଳେ ବ୍ୟାଙ୍କରୁ କାମ ସାରି ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ପାର ହେଉଥିବା ବେଳେ ବୌଦ୍ଧ ପଟୁ ଚାରିଛକ ଆଡକୁ ଯାଉଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ନବୀନ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ ବୌଦ୍ଧ ମେଡିକା ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ପଠାଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଛି। ବୌଦ୍ଧ ପୋଲିସ କାର୍‌କୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା, ବାଇକ୍ ଆରୋହୀ ମୃତ

ବୌଦ୍ଧ, ୧।୩(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ-କୁଶଙ୍ଗ ପୂର୍ତ୍ତ ବିଭାଗ ରାସ୍ତାର ଡାଲଡପାଠାରେ ଟ୍ରାକ୍ଟର ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତରଙ୍ଗ ଗ୍ରାମର ସନ୍ତୋଷ ଡାକୁଆ (୨୩)। ଖବର ପାଇ ହରଭଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି। ସୂଚନା ଅନୁସାରେ, ସନ୍ତୋଷ ସୋମବାର କୁଟିଟାରରେ ଭୋଜି ଖାଇ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଅପରାହ୍ନ ୪ଟା ବେଳେ ଡାଲଡପାଠାରେ ଛତରଙ୍ଗ ପଟୁ କୁଶଙ୍ଗ ଆଡକୁ ଯାଉଥିବା ଏକ ଟ୍ରାକ୍ଟର ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ହୋଇଥିଲା।

## କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ

ବୌଦ୍ଧ, ୧।୩(ସ୍ୱ.ପ୍ର)

ବୌଦ୍ଧ ଆଦର୍ଶ ଥାନା ଓ ବଘିଆପଡା ଫାଣ୍ଡି ପୋଲିସ ମିଳିତ ଭାବେ ଚଢାଉ କରି ଏକ କାର୍ ସହ ୨୫ କେଜି ଗଞ୍ଜେଇ ଜବତ କରି ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅହମ୍ମଦାବାଦର ଅନୀଲ କୁମାର ମେୱାଡ ଓ କଟକ ଜିଲା ନିଆଳିର ସତ୍ୟବ୍ରତ ପ୍ରଧାନ। ଏମାନେ ଏକ ହୋଣ୍ଡା କାର୍‌ର ବନେଟ ଓ ଡୋର୍ ଗୁଡିକରେ ପ୍ୟାକେଟ କରି ଗଞ୍ଜେଇ ଚାଲାଣ କରୁଥିଲେ। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ତପସ୍ୱିନୀ କହଁର କହିଛନ୍ତି।